

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୮ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 18 OCTOBER 2023

Vol.No. 34 ■ No. 275■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଫିକା ପଡ଼ିପାରେ ପୂଜା: ଆସୁଛି ଲଘୁଚାପ

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ଏଥର ଦଶହରାକୁ ଫିକା କରିପାରେ ଲଘୁଚାପ ବର୍ଷା। ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ଲଘୁଚାପ କ୍ଷେତ୍ର। ବଙ୍ଗୋପସାଗରରେ ୨୦ ତାରିଖ ସୁଦ୍ଧା ଲଘୁଚାପ କ୍ଷେତ୍ର ସୃଷ୍ଟି ନେଇ ଆକଳନ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ ବିଭାଗ ସୂଚନା ଅନୁସାରେ, ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ରଟି ସୃଷ୍ଟି ହେବା ପରେ ପରବର୍ତ୍ତୀ ସମୟରେ ଏହା ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ୨୦ ତାରିଖରେ ଷଷ୍ଠୀ ପୂଜା ପଡୁଥିବା ବେଳେ ୨୨ ତାରିଖରେ ମହାଷ୍ଟମୀ ପଡୁଛି। ତେବେ ଲଘୁଚାପ ବର୍ଷା ପୂଜାକୁ ଫିକା କରିପାରେ ବୋଲି ଅନୁମାନ କରାଯାଉଛି। ତେବେ ଲଘୁଚାପ କ୍ଷେତ୍ର କେଉଁ ତାରିଖରେ ସୃଷ୍ଟି ହେବ, ଏହା ପ୍ରଭାବ ଓଡ଼ିଶା ଉପରେ କ'ଣ ରହିବ, ସ ନେଇ କିଛି ସ୍ପଷ୍ଟ ହୋଇ ନାହିଁ।

ସମଲିଙ୍ଗୀ ବିବାହକୁ ସୁପ୍ରିମକୋର୍ଟଙ୍କ ନା'

ନୂଆଦିଲ୍ଲୀ,୧୭/୧୦ : ସମଲିଙ୍ଗୀ ଯୋଡିକୁ ସୁପ୍ରିମକୋର୍ଟରୁ ମିଳିଛି ବଡ଼ ଝଟ୍‌କା। ସମଲିଙ୍ଗୀ ବିବାହକୁ ମାନ୍ୟତା ଦେବାକୁ ସଫା ସଫା ମନା କରିଦେଇଛନ୍ତି ସର୍ବୋଚ୍ଚ ନ୍ୟାୟଳୟ। ସୁପ୍ରିମକୋର୍ଟଙ୍କ ୫ ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଏଭଳି ରାୟ ଦେଇଛନ୍ତି। ସମଲିଙ୍ଗୀ ବିବାହ ଏକ ମୌଳିକ ଅଧିକାର ନୁହେଁ। ଆଇନରେ ପରିବର୍ତ୍ତନ ଆଣିବା ସଂସଦଙ୍କ ଅଧିକାର ପରିସରରେ ଆସୁଛି। ବିବାହକୁ ନେଇ ଆଇନ ପରିବର୍ତ୍ତନ କରିବା କୋର୍ଟଙ୍କ ଅଧିକାରଭୁକ୍ତ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସିଜେଆଇ ଡି ୟାଇ ଚନ୍ଦ୍ରଚୁଡ, ସମଲିଙ୍ଗୀ ବିବାହକୁ ଅନୁମତି ଦେଇ ନାହାନ୍ତି। ଏହା ସଂସଦର ଅଧିକାର ଅଧୀନରେ ଅଛି। ତେବେ ସିମଲିଙ୍ଗୀ ଯୋଡିକୁ ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ସିଜେଆଇ ଅନୁମତି ଦେଇଛନ୍ତି। ସିଜେଆଇ ଆହୁରି କହିଛନ୍ତି, ସମଲିଙ୍ଗୀ ବିବାହ ଚିନ୍ତାଧାରା କେବଳ ସହରରେ ସୀମିତ ନାହିଁ। ଗାଁରେ ଚାଷ କାମ କରୁଥିବା ମହିଳା ମଧ୍ୟ ସମଲିଙ୍ଗୀ ବିବାହକୁ ଅନୁମତି ଦେବାକୁ ଦାବି କରୁଛନ୍ତି। ତେଣୁ ସମଲିଙ୍ଗୀ ସମ୍ପର୍କ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ସିଜେଆଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ନ୍ୟାୟଳୟ କହିଛନ୍ତି ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦେବା ପ୍ରସଙ୍ଗରେ ୪ଟି ନିଷ୍କର୍ଷ ରହିଛି। ଏଥିରେ କିଛି ଅନୁମତି ଦେବା ସପକ୍ଷରେ ରହିଥିବା ବେଳେ ଆଉ କିଛି ବପକ୍ଷରେ ରହିଛି। ଜୀବନସାଥୀ ବାଛିବାରେ ସମସ୍ତଙ୍କ ଅଧିକାର ରହିଛି। କୁଇର୍ ବର୍ଗଙ୍କୁ ଲିଙ୍ଗଗତ କାରଣରୁ ଅଧିକାରରୁ ବଞ୍ଚିତ କରାଯାଇ ପାରିବନି। କୌଣସି ବ୍ୟକ୍ତିକୁ ହରମୋନ ଥେରାପି ପାଇଁ ବାଧ କରାଯାଇ ପାରିବନି। ତେଣୁ କେନ୍ଦ୍ର ସରକାର ଏଥିପାଇଁ ଶୀଘ୍ର କମିଟି ଗଠନ କରନ୍ତୁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଗତ ଏପ୍ରିଲ ୧୧ ତାରିଖରେ ସାମ୍ବିଧାନିକ ବେଞ୍ଚ ଏହା ଉପରେ ହୋଇଥିବା ଆବେଦନର ଶୁଣାଣି ଆରମ୍ଭ କରିଥିଲେ ଏବଂ ଗତ ମେ ୧୧ ତାରିଖରେ ରାୟ ସଂରକ୍ଷିତ ରଖିଥିଲେ। ସୁପ୍ରିମକୋର୍ଟ ଏନେଇ ଆଗତ ପ୍ରାୟ ୨୧ ଟି ପିଟିସନର ଏକାଠି ଶୁଣାଣି କରିଥିଲେ। ୧୮ ଯୋଡ଼ା ସମଲିଙ୍ଗୀ ଦମ୍ପତି ସେମାନଙ୍କ ସମ୍ପର୍କକୁ ଆଇନଗତ ମାନ୍ୟତା ପ୍ରଦାନ କରିବାକୁ ଆବେଦନ କରିଥିଲେ। ସେମାନେ ସମଲିଙ୍ଗୀ ବିବାହକୁ ସାମାଜିକ ଓ ଆଇନଗତ ମାନ୍ୟତା ପାଇଁ ଅନୁରୋଧ କରିଥିଲେ। ଦେଶରେ ପ୍ରଚଳିତ ସ୍ୱତନ୍ତ୍ର ବିବାହ ଆଇନରେ ସମଲିଙ୍ଗୀ ବିବାହକୁ ମଧ୍ୟ ସାମିଲ କରିବାକୁ ସେମାନେ କହିଥିଲେ।

ବିଜୟ ଶଙ୍କରଙ୍କ ଅଡୁଆ ବଢ଼ିଲା: ହାଇକୋର୍ଟ ଗଲେ ସୋମାଲିକା

ତିର୍ତ୍ତୋଲ, ୧୭/୧୦ (ନି.ପ୍ର): ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ପାଇଁ ଅଡୁଆ ବଢିଲା। କଟକ ସବ୍ ରେଜିଷ୍ଟ୍ରାର କୋର୍ଟରେ ହୋଇଥିବା ବିବାହ ପଞ୍ଜିକରଣ ଆବେଦନ ଉପରେ ରହିତାଦେଶ ପାଇଁ ହାଇକୋର୍ଟରେ ଆଜି ତାଙ୍କର ପୂର୍ବତନ ବାନ୍ଧବୀ ସୋମାଲିକା ଦାଶ ଆବେଦନ କରିଛନ୍ତି। ଯେ ପର୍ଯ୍ୟନ୍ତ ଜଗତସିଂହପୁର ଥାନାରେ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଚାଲିଥିବା ମାମଲା ସମାଧାନ ନହେଇଛି, ସେ ପର୍ଯ୍ୟନ୍ତ ଉକ୍ତ ବିବାହ ଉପରେ ଷ୍ଟେ' କରିବା ପାଇଁ ସୋମାଲିକା ଆବେଦନ କରିଥିବା କହିଛନ୍ତି। ବିଜେଡି ବିଧାୟକ ବିଜୟ ଶଙ୍କର ଦାସ ନିଜର ସହପାଠୀ ପ୍ରତ୍ୟୁଷା ନନ୍ଦଙ୍କୁ ବିବାହ କରିବା ପାଇଁ ଗତ ୨୧ ତାରିଖରେ ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଆବେଦନ ତାରିଖଠୁ ଏକମାସର ନୋଟିସ୍ ଅବଧି ଶେଷ ପରେ ଶ୍ରୀ ଦାସ ନିଜର ବାନ୍ଧବୀଙ୍କୁ ବିବାହ କରିବେ। ଯାହାକୁ ବିରୋଧ କରିଛନ୍ତି ବିଜୟ ଶଙ୍କର ପ୍ରଥମ ବାନ୍ଧବୀ ସୋମାଲିକା। ମିଳିଥିବା ସୂଚନା ଅନୁସାରେ ପ୍ରତ୍ୟୁଷାଙ୍କ ଘର ହେଉଛି କଟକରେ। ସେ ଜଗତସିଂହପୁର ଜିଲ୍ଲା ଏରସମା ଅଞ୍ଚଳର ▶▶ପୃଷ୍ଠା ୭

ଦୁଷ୍କର୍ମ ଅଭିଯୋଗରେ ଏଏସ୍‌ଆଇ ଓ ହୋମଗାର୍ଡ ଗିରଫ

ମୟୂରଭଞ୍ଜ, ୧୭/୧୦ (ନି.ପ୍ର): ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଛନ୍ତି ମୟୂରଭଞ୍ଜ ଜିଲ୍ଲା ଜାମଦା ଥାନାର ଏଏସ୍‌ଆଇ ଆନନ୍ଦ ମାଝୀ ଓ ହୋମ୍‌ଗାର୍ଡ ଦେବାନନ୍ଦ ପାତ୍ର। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ହୋମ୍‌ଗାର୍ଡଙ୍କ ନାଁରେ ଦୁଷ୍କର୍ମ ଅଭିଯୋଗ ଆଣିଛନ୍ତି ଝାଡ଼ଖଣ୍ଡର ଲାଗଡ଼ା ଥାନା ଅଞ୍ଚଳର ରୁନି (ଛଦ୍ମନାମ)। ରୁନିଙ୍କ ମା'ଙ୍କୁ ଜ୍ୱର ହେଉଥିଲା। ସେହି ସମୟରେ (ଗତ ୧୦ ତାରିଖରେ) ରୁନିଙ୍କ ମାମୁ ହୋମଗାର୍ଡ ଦେବାନନ୍ଦ ପାତ୍ରଙ୍କ ସଂସ୍ପର୍ଶରେ ଆସିଥିଲେ। ଝଡ଼ାଫୁଙ୍କା କରି ସେ ଜ୍ୱର ଭଲ କରି ଦେବେ ବୋଲି କହିଥିଲେ। ତେବେ ସେଥିପାଇଁ ୧୪ ବର୍ଷର ଏକ କୁଆଁରୀ ଝିଅକୁ ତାଙ୍କ ପାଖକୁ ଆଣିବାକୁ ପଡ଼ିବ ବୋଲି ସେ ରୁନିଙ୍କ ମାମୁଙ୍କୁ କହିଥିଲେ। ସେଥିପାଇଁ ଗତ ୧୪ ତାରିଖ ଦିନ ହୋମଗାର୍ଡ ଦେବାନନ୍ଦ ପାତ୍ରଙ୍କ ପାଖକୁ ରୁନିଙ୍କୁ ନେଇ ଯାଇଥିଲେ ତାଙ୍କ ମାମୁ। ସେହିଦିନ ପୂଜାର୍ଚ୍ଚନା ପରେ ରାତିରେ ଦୀପ ଜାଳି ରୁନିଙ୍କୁ ଏକା ବସିବାକୁ କହିଥିଲେ ଦେବାନନ୍ଦ। ▶▶ପୃଷ୍ଠା ୭

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ବଦଳିଲେ ୧୬୦ଜଣ ଅତିରିକ୍ତ ତହସିଲଦାର

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ଜାତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ୧୬୦ଜଣ ଅତିରିକ୍ତ ତହସିଲଦାରଙ୍କ ବଦଳି କରିଛନ୍ତି। ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ବଦଳି ଓ ନିଯୁକ୍ତି ନୀତି ଆଧାରରେ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଓଡ଼ିଶା ରାଜସ୍ୱ ସେବାର ୧୬୦ଜଣ ଅଫିସରଙ୍କ ବଦଳି ହୋଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ବିଭିନ୍ନ ତହସିଲରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରତ ୧୬୦ଜଣ ଓଆରଏସ୍ ଅଫିସରଙ୍କୁ ବିଭିନ୍ନ ସ୍ଥାନରେ ଆସିଷ୍ଟାଣ୍ଟ କଲେକ୍ଟର, ଅତିରିକ୍ତ ତହସିଲଦାର ଓ ମ୍ୟୁନିସପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି । ଏହି ସମସ୍ତ ଓଆରଏସ୍ ଅଫିସରଙ୍କୁ ବିଭାଗ ପକ୍ଷରୁ ଆଜି ଅପରାହ୍ନରେ ସେମାନେ କାର୍ଯ୍ୟ କରୁଥିବା ସ୍ଥାନରୁ ରିଲିଭ୍ କରାଯାଇଛି । ନୂଆ ସ୍ଥାନରେ ଅକ୍ଟୋବର ୨୫ତାରିଖ ସୁଦ୍ଧା ଯୋଗ ଦେବାକୁ ଏହି ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ▶▶ପୃଷ୍ଠା ୭

ବାଣ ଗୋଦାମରେ ଭୟଙ୍କର ବିସ୍ଫୋରଣ: ୧୧ ମୃତ

ତାମିଲନାଡୁ, ୧୭/୧୦ (ନି.ପ୍ର): ବାଣ ଗୋଦାମରେ ଭୟଙ୍କର ବିସ୍ଫୋରଣ। ଚାଲିଗଲା ୧୧ ଜଣଙ୍କ ଜୀବନ। ଏଭଳି କିଛି ଅଘଟଣ ଘଟିଛି ତାମିଲନାଡୁର ଶିବକାଶୀରେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସୂଚନା ମୁତାବକ, ଶିବକାଶୀର ବିରୁଧୁନଗରର କମ୍ପାପଟ୍ଟିଗାଁରେ ଥିବା ଦୁଇଟି ବାଣ ଗୋଦାମରେ ବିସ୍ଫୋରଣ ହୋଇଛି। ଏଥିରେ ମୋଟ ୧୧ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୯ ଜଣ ମହିଳା ଅଛନ୍ତି। ସେହିପରି ଦୁଇ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏମାନେ ସମସ୍ତେ ଉକ୍ତ ଗୋଦାମରେ କାମ କରୁଥିବା ସନ୍ଦେହ କରାଯାଉଛି। ପୁଲିସର କହିବା ମୁତାବକ, ବାରୁଦ ଟେଷ୍ଟ ବେଳେ ଏହି ବିସ୍ଫୋରଣ ଘଟିଛି। ଏହି ଘଟଣାର ତଦନ୍ତ ଜାରି ରହିଛି। ଉକ୍ତ ଗୋଦାମ ପାଖରେ ଉପଯୁକ୍ତ ଲାଇସେନ୍ସ ଥିବା ପୁଲିସ କହିଛି। ସେପଟେ ଏହି ଦୁର୍ଘଟଣାକୁ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ୍ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ସେହିପରି ଆହତଙ୍କୁ ଯେପରି ଉପଯୁକ୍ତ ଚିକିତ୍ସା ମିଳିବ ସେଥିପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଭୁବନେଶ୍ୱର କୋର୍ଟ କ୍ୟାମ୍ପସରୁ ଚମ୍ପଟ ମାରିଲା କଏଦୀ

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ପୁଲିସ୍‌କୁ ଚକ୍‌ମା ଦେଇ ଭୁବନେଶ୍ୱର କୋର୍ଟ କ୍ୟାମ୍ପସରୁ ଚମ୍ପଟ ମାରିଲା ବିଚାରାଧୀନ କଏଦୀ। ଚୋରି ମାମଲାରେ ଗିରଫ ହୋଇଥିଲା। ପରିସ୍ରା ଯିବ ବୋଲି କହି ଚମ୍ପଟ ମାରିଥିବା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା କଏଦୀକୁ ଧରିବାରେ ସଫଳ ହୋଇନାହିଁ କମିଶରେଟ୍ ପୁଲିସ୍। ଚୋରି ଅଭିଯୋଗରେ ଏୟାଫିଲଡ୍ ଥାନା ପୁଲିସ୍ ଜଣେ ଅଭିଯୁକ୍ତକୁ ଗିରଫ କରି ଝାରପଡ଼ା ଜେଲ୍‌କୁ ପଠାଇ ଦେଇଥିଲା। ଆଜି ତାଙ୍କୁ ଭୁବନେଶ୍ୱର କୋର୍ଟରେ ହାଜର ପାଇଁ ନିଆଯାଇଥିଲା। ତାଙ୍କୁ କୋର୍ଟର ଅସ୍ଥାୟୀ କାରାଗାରାରେ ରଖାଯାଇଥିଲା। ▶▶ପୃଷ୍ଠା ୭

୨୦୨୫ ସୁଦ୍ଧା ମହାକାଶକୁ ଯିବେ ମହାକାଶଚାରୀ: ୨୦୩୫ ସୁଦ୍ଧା ଭାରତର ସ୍ପେଶ ଷ୍ଟେସନ

ନୂଆଦିଲ୍ଲୀ,୧୭/୧୦ : ଭାରତର ପ୍ରଥମ ମାନବଯୁକ୍ତ ସ୍ପେଶ ଫ୍ଲାଇଟ ଗଗନଯାନ ସମ୍ପର୍କରେ ଆଜି ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଗଗନଯାନ ପଠାଇବା କାମ କେତେ ଦୂର ଯାଇଛି ଓ ଏହା ସହ ଜଡ଼ିତ ଅନ୍ୟାନ୍ୟ ବିଷୟବସ୍ତୁ ଗୁଡ଼ିକ ଉପରେ ସେ ସମୀକ୍ଷା କରିଛନ୍ତି। ଏଥିସହ ମହାକାଶ ଗବେଷଣା କ୍ଷେତ୍ରରେ ଭବିଷ୍ୟତ ଯୋଜନା ଗୁଡ଼ିକ ପାଇଁ ଟାର୍ଗେଟ ସେଟ୍ କରିଛନ୍ତି। ସ୍ପେଶ ବିଭାଗ ସହ ମୋଦି କରିଥିବା ସମୀକ୍ଷା ବୈଠକ ବେଳେ ଗଗଯାନ ସମ୍ପର୍କରେ ତାଙ୍କୁ ଇସ୍ରୋ ମୁଖ୍ୟ ଓ ଅନ୍ୟ ବରିଷ୍ଠ ବୈଜ୍ଞାନିକମାନେ ବିସ୍ତୃତ ତଥ୍ୟ ଦେଇଛନ୍ତି। ଗଗନଯାନରେ ବ୍ୟବହୃତ ହୋଇଥିବା ଟେକ୍ନୋଲୋଜି ଓ ସିଷ୍ଟମଗୁଡ଼ିକ ସମ୍ପର୍କରେ ମୋଦିଙ୍କୁ ଅବଗତ କରାଯାଇଛି। ଗଗନଯାନ ପଠାଇବା ପୂର୍ବରୁ ପ୍ରାୟ ୨୦ଟି ବଡ଼ଧରଣର ଟେଷ୍ଟ କରାଯିବ। ଟିଭି-ଡି୧ର ଟେଷ୍ଟ ଅକ୍ଟୋବର ୨୧ ତାରିଖ ସକାଳ ୭ଟାରୁ ୯ଟା ଭିତରେ କରାଯିବାକୁ ଧାର୍ଯ୍ୟ କରାଯାଇଥିବା ମଧ୍ୟ ମୋଦିଙ୍କୁ କୁହାଯାଇଛି। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ୨୦୨୫ ସୁଦ୍ଧ ଭାରତ ମହାକାଶକୁ ମହାକାଶଚାରୀଙ୍କୁ ପଠାଇବ। ଚନ୍ଦ୍ରଯାନ -୩ ଓ ଆଦିତ୍ୟ ଏଲ-୧ ମିଶନ ସଫଳ ହୋଇଥିବାରୁ ପ୍ରଧାନମନ୍ତ୍ରୀ ▶▶ପୃଷ୍ଠା ୭

ସାଗରିକା

ଶାରଦୀୟ ସାରସ୍ୱତ ସମାରୋହ-୨୦୨୩

'ସାଗରିକା' ଶାରଦୀୟ ବିଶେଷାଙ୍କର ଲୋକାର୍ପଣ ଉତ୍ସବ ତଥା ସାରସ୍ୱତ ସମାରୋହ ବାଲେଶ୍ୱରର ନୃତ୍ୟ ସଂଗୀତ କଳାମନ୍ଦିର ସଭାଗୃହରେ ଆସନ୍ତା ୨୩ ତାରିଖ ମହାନବମୀ, ସୋମବାର ସକାଳ ୧୦ ଘଟିକା ସମୟରେ ଅନୁଷ୍ଠିତ ହେବ।

ଏହି ଶାରଦୀୟ ସାରସ୍ୱତ ସମାରୋହକୁ ସଫଳ କରିବା ପାଇଁ ଆପଣମାନଙ୍କ ଉପସ୍ଥିତି କାମନା କରୁଛୁ ।

ସୃଷ୍ଟିଧର ପରିଡା
ମୁଖ୍ୟ ତଥା ପରିଚାଳନା ସଂପାଦକ
ସାଗରିକା, ବାଲେଶ୍ୱର

କିଶୋର ଜେନାଙ୍କୁ ଦେଢ଼ କୋଟି ଟଙ୍କାର ଚେକ୍ ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୭/୧୦ (ନି.ପ୍ର): ନିକଟରେ ଚାଇନାର ହାଙ୍ଗଝୌରେ ଶେଷ ହୋଇଥିବା ଏସୀୟ କ୍ରୀଡ଼ାରେ ଜାଭେଲିନ ଥ୍ରୋରେ ରୌପ୍ୟ ପଦକ ହାସଲ କରିବା ସହ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ପାଇଁ ଟିକେଟ ହାସଲ କରିଥିବା କିଶୋର କୁମାର ଜେନାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଦେଢ଼ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିବା ସହ ସମ୍ବର୍ଦ୍ଧିତ କରିଛନ୍ତି। କିଶୋର କୁମାର ଜେନା ଓଡ଼ିଶା ପାଇଁ ଗୌରବର ଉତ୍ସ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୋହରାଇବା ସହ ଏହି ଐତିହାସିକ ସଫଳତା ପାଇଁ ତାଙ୍କୁ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ କିଶୋର ରାଜ୍ୟ ପାଇଁ ଅଧିକ ଗୌରବ ଆଣିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିବା ସହ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅଲିମ୍ପିକ୍ସ ପାଇଁ ତାଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତାଙ୍କ ପ୍ରୟାସ ଓ ସଫଳତାକୁ ସ୍ୱୀକୃତି ଦେଇଥିବାରୁ କିଶୋର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏସୀୟ କ୍ରୀଡ଼ା ପ୍ରସ୍ତୁତି ସମୟରେ ଚଳିତ ବର୍ଷ ବୁଦାପେଷ୍ଟରେ ▶▶ପୃଷ୍ଠା ୭

ରାଜଧାନୀରେ ସ୍ୱେରେଜ କାମ: ନିର୍ମାଣ ଅବଧି ବଢୁଛି, ଯନ୍ତ୍ରଣା ବି ବଢୁଛି

ଖଣ୍ଡଗିରି, ୧୭/୧୦ (ନି.ପ୍ର): ବର୍ଷାଧିକ ସମୟ ଅତିକ୍ରାନ୍ତ ପରେ ମଧ୍ୟ ଜାଗମରାର ସ୍ୱେରେଜ କାର୍ଯ୍ୟ ସରୁନି । ପଞ୍ଚସଖା ନଗରରେ ସ୍ୱେରେଜ ନିର୍ମାଣ ସରିବାର ମାସେ ପରେ ରାସ୍ତା ଦବିଯାଇ ପାଣି ଜମା ହେଉଛି । ଶିବ ମନ୍ଦିର ସମ୍ମୁଖ ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ଏତେ ତାପମାତ୍ରାରେ ମଧ୍ୟ ସେହି ଅଞ୍ଚଳରେ ବର୍ଷାଋତୁର ଭ୍ରମ ସୃଷ୍ଟି ହେଉଥିବା କହିଛନ୍ତି ସ୍ଥାନୀୟ ଅଧିବାସୀ ଲିଟୁ ପଟ୍ଟନାୟକ । ଗୋବିନ୍ଦବିହାରର କୁଳଦୀପ ଜ୍ଞାନେଶ୍ୱରଙ୍କ ଅଭିଯୋଗ, ବମିଖାଲ-କଟକ ରାସ୍ତାସ୍ଥିତ ସେମାନଙ୍କ ଅଞ୍ଚଳରେ ୧୦ ବର୍ଷରୁ ଊର୍ଧ୍ୱ ସମୟ ହେଲା ସ୍ୱେରେଜ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ ଆଜି ସୁଦ୍ଧା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ । ଫଳରେ ଠିକ୍ ଭାବରେ ମଳପାଣି ନିଷ୍କାସିତ ନହୋଇ ନାଳି ସହିତ ମିଶୁଛି । ବିଭିନ୍ନ ସ୍ଥାନରେ ପାଣି ଜମା ହୋଇ ଅସ୍ୱାସ୍ଥ୍ୟକର ବାତାବରଣ ସୃଷ୍ଟି କରୁଛି ।

ସେଥିରେ ପୁଣି କିଛିଦିନ ପୂର୍ବରୁ ସ୍ୱେରେଜ ପାଇପରୁ ପାଣି ଓଭରଫ୍ଲୋ ହେବାରୁ ଅବସ୍ଥା ଆହୁରି ଜଟିଳ ହୋଇଛି । ୨୦୧୬ ମସିହା ସୁଦ୍ଧା ରାଜଧାନୀର ସ୍ୱେରେଜ ନିର୍ମାଣ କାର୍ଯ୍ୟ ସମାପ୍ତର ଲକ୍ଷ୍ୟ ରଖାଯାଇଥିଲା । ତେବେ କାମ ଶେଷ ହେବାରେ ଯେତେ ଡେରି ହେଉଛି, ଲୋକଙ୍କ କଷ୍ଟ ସେତେ ବଢିବାରେ ଲାଗିଛି । ଏହାର ସମାଧାନ ପାଇଁ ଉପଯୁକ୍ତ ବ୍ୟବସ୍ଥା ନଥିବାରୁ ଲୋକଙ୍କ ଅସନ୍ତୋଷ ବି ବଢୁଛି । ଏ ମାମଲାରେ ୱାଟକୋ ସିଇଓ ପି.ସ୍ୱାଇଁ କହନ୍ତି, ଚଳିତ ବର୍ଷ ନଭେମ୍ବର ସୁଦ୍ଧା ଭୁବନେଶ୍ୱରର ସ୍ୱେରେଜ କାର୍ଯ୍ୟ ଶେଷ କରିବାର ଲକ୍ଷ୍ୟ ରଖାଯାଇଛି । କିନ୍ତୁ ବର୍ତ୍ତମାନ ଦୁର୍ଗାପୂଜା ଯୋଗୁଁ ଆଉ ଅଧିକ କିଛି ଦିନ ବିଳମ୍ବ ହେବ । ସ୍ଥାନୀୟ ଅଧିବାସୀଙ୍କ ଅନୁସାରେ, ଶୌଚାଳୟର ମଳଜଳ ନିଷ୍କାସନ ପାଇଁ ୬୦ ଦଶକରୁ ଭୁବନେଶ୍ୱରରେ ସ୍ୱେରେଜ ଲାଇନ ରହିଛି । ସମୁଦାୟ ଅଞ୍ଚଳରେ ଏହା କରାନଯାଇ ୟୁନିଟ ୧, ୨, ୩, ୪,୯, ଅଶୋକ ନଗର, ସହିଦ ନଗର, ଖାରବେଳ ନଗର, ସତ୍ୟନଗର ସମେତ ସରକାରୀ କ୍ୱାଟର ନିର୍ମାଣ କରାଯାଇଥିବା ସ୍ଥାନରେ ଏହି ବ୍ୟବସ୍ଥା ରହିଥିଲା । କଳ୍ପନା ହାଟ, ବିଜେବି କଲେଜ ପାଖ ସମେତ ବିଭିନ୍ନ ସ୍ଥାନରେ ବଡ଼ କମ୍ୟୁନିଟି ଟାଙ୍କି କରାଯାଇଥିଲା । ସମୟକ୍ରମରେ ଏହା ଅଚଳ ହୋଇଗଲା । ମଳପାଣି ସିଧାସଳଖ ପୁରୀ କେନାଲରେ ମିଶୁଥିଲା । ଏଥିଯୋଗୁଁ କେନାଲ ନଷ୍ଟ ହେଲା । ତେଣୁ ଉପଯୁକ୍ତ ଭାବରେ ମଳପାଣି ପରିଚାଳନା ବ୍ୟବସ୍ଥା ପାଇଁ ୨୦୦୭ ମସିହାରୁ ଜାଇକା ପକ୍ଷରୁ ସ୍ୱେରେଜ ଲାଇନ ବିଛାଇବା ଓ ଟ୍ରିଟ୍‌ପ୍ଲାଣ୍ଟ କରିଆରେ ଏହାର ପରିଚାଳନା ପାଇଁ ନିଷ୍ପତ୍ତି ହୋଇଥିଲା ।

ଭୁବନେଶ୍ୱରର ଯେଉଁଠି ସ୍ୱେରେଜ ଲାଇନ ଯାଇନଥିଲା କିମ୍ବା ଅଧପନ୍ତରିଆ ହୋଇ ପଡ଼ିଥିବା ସମୁଦାୟ ଅଞ୍ଚଳରେ ଏହା କାର୍ଯ୍ୟକ୍ଷମ ପାଇଁ ନିଷ୍ପତ୍ତି ହୋଇଥିଲା । ୨୦୧୨ ମସିହା ଡିସେମ୍ବରରରେ ଟେଣ୍ଡର ଦିଆଗଲା । ପ୍ରଥମେ ୨୦୧୬ ମସିହା ଏବଂ ପରେ ୨୦୧୭ ମସିହା ସୁଦ୍ଧା ସ୍ୱେରେଜ କାର୍ଯ୍ୟ ସମାପ୍ତର ନିଷ୍ପତ୍ତି ହୋଇଥିଲା । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇ ପାରିନାହିଁ । ଜାଇକା, ଓଡ଼ିଶା ସ୍ୱେରେଜ ବୋର୍ଡ, ପବ୍ଲିକ ହେଲ୍‌ଥ ଇଞ୍ଜିନିୟରିଂ ବିଭାଗ କରିବା ପରେ ବର୍ତ୍ତମାନ ୱାଟକୋ ଏହି କାର୍ଯ୍ୟ କରୁଛି । ବର୍ତ୍ତମାନ ଭୁବନେଶ୍ୱରକୁ ୬ ଭାଗ କରାଯାଇଛି । ପ୍ରତ୍ୟେକ ସ୍ଥାନରେ ଟ୍ରିଟମେଣ୍ଟ ପ୍ଲାଣ୍ଟ କରାଯାଇଛି । କେବଳ ଭରତପୁର ବ୍ୟତୀତ ଅନ୍ୟ ସମସ୍ତ ସ୍ଥାନରେ ୯୦ ପ୍ରତିଶତ ନିର୍ମାଣ ସରିଥିବା ବିଭାଗୀୟ ଅଧିକାରୀ କହିଛନ୍ତି । ତେବେ ସାମାଜିକ କର୍ମକର୍ତ୍ତାଙ୍କ ଅନୁସାରେ, ୧୫ ବର୍ଷ ହେଲା ଅନେକ ସ୍ଥାନରେ ସ୍ୱେରେଜ ଲାଇନ ନିର୍ମାଣ ସରିଛି, କିନ୍ତୁ କାର୍ଯ୍ୟକ୍ଷମ ହେଉନାହିଁ । ତେଣୁ କାର୍ଯ୍ୟକ୍ଷମ ହେବାବେଳକୁ ପାଇପ୍‌ର ଅବସ୍ଥା ନେଇ ପ୍ରଶ୍ନ ଉଠିବ । ଏହା ଉପରକୁ ଅନେକଙ୍କ ଅଭିଯୋଗ ଯେ ସମସ୍ୟା ଜଣାଇବା ପାଇଁ ଟୋଲ୍ ଫ୍ରି ନମ୍ବରରେ କଲ୍ କଲେ କେହି ଉଠାନ୍ତି ନାହିଁ । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନଥିବାରୁ ପ୍ରୋଜେକ୍ଟ ଡିଭିଜନ ଏବଂ ମେଣ୍ଟେନାନ୍ସ ଡିଭିଜନ ଭାବେ କିଏ ସମସ୍ୟା ସମାଧାନ କରିବ, ତାହା ମଧ୍ୟ ସ୍ପଷ୍ଟ ନଥାଏ । ଚାଲିଥିବା ସ୍ୱେରେଜ କାମ ପାଇଁ ସହର ସାରା ଏତେ ସ୍ଥାନରେ ଖେଳାଖୋଳି ହୋଇଛି ଯେ ବର୍ତ୍ତମାନ ଏହା ରାଜଧାନୀ ଲୋକଙ୍କ ପାଇଁ ବୋଝ ପାଲଟି ଗଲାଣି । କେବେ ଏହା ଲୋକଙ୍କ ପାଇଁ ବରଦାନ ହେବ, ତାକୁ ଅପେକ୍ଷା ।

ବାଜବାଟି ଗାଁରେ ବିଷ ପିଇ ଚାଷୀ ମୃତ୍ୟୁ ଅଭିଯୋଗ: ଘଟଣାର ତଦନ୍ତ ଚାଲିଛି - ଯାଜପୁର ଜିଲ୍ଲାପାଳ

ଧର୍ମଶାଳା, ୧୭/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ପାଖର ପଂଚାୟତ ଅଧିନସ୍ଥ ବାଜବାଟି ଗ୍ରାମରେ ବିଷ ପିଇ ଗୁରୁତର ଆହତ ହୋଇଥିବା ଚାଷୀ ନିତ୍ୟାନନ୍ଦଙ୍କର ମୃତ୍ୟୁ ଘଟିଛି । ଋଣଭାର ସହି ନ ପାରି ସେ ମୃତ୍ୟୁବରଣ କରିଥିବା ନେଇ ଅଭିଯୋଗ ହୋଇଥିଲା । ମୃତ ଚାଷୀ ଜଣକ ହେଲେ ବାଜବାଟି ଗ୍ରାମର ନିତ୍ୟାନନ୍ଦ ପରିଡା । ନିତ୍ୟାନନ୍ଦ ୨ ଦିନ ତଳେ ବାଜବାଟି ମୌଜାରେ ଥିବା ଚାଷ ଜମିକୁ ରକ୍ଷଣାବେକ୍ଷଣ ପାଇଁ ଯାଇଥିଲେ । ଜମିରେ ପାଣି ନ ଥିବାରୁ ଧାନ ଗଛ ସବୁ ମରି ଯାଇଥିବା ଦେଖି ସେ ଦୁଃଖରେ ଭାଙ୍ଗି ପଡି ଥିଲେ । ଫଳରେ ମାନସିକ ଭାରସାମ୍ୟ ହରାଇ ଜମିରେ କୀଟନାଶନ ଔଷଧ ପକାଇବାକୁ ନେଇ ଯାଇଥିବା ସମସ୍ତ ଔଷଧକୁ ପିଇ ଦେଇଥିଲେ । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ନିଆଯାଇଥିଲା । ତେବେ ରବିବାର ବିଳମ୍ବିତ ରାତିରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ନିତ୍ୟାନନ୍ଦ ବିଭିନ୍ନ ସୂତ୍ରରୁ ଋଣ କରି ୩ ଏକର ଜମିରେ ଧାନ ଫସଲ କରିଥିଲେ । ଫଳରେ ଫସଲରେ ବ୍ୟାପକ କ୍ଷତି ହେବାରୁ ଆତ୍ମହତ୍ୟା କରିଥିବା ପରିବାର ଅଭିଯୋଗ କରିଥିବା ବେଳେ କଳାପଥର ଖାଦାନ ଥିବାରୁ ବର୍ଷା ଜଳ ଜମିକୁ ନ ଆସି ଖାଦାନକୁ ବହି ଯାଉଥିବାରୁ ଫସଲ ହାନି ହେବାର ଅନ୍ୟ ଏକ କାରଣ ହୋଇଥାଇପାରେ ବୋଲି ଅଂଚଳରେ ଚର୍ଚ୍ଚା ହୋଇଛି । ଆଜି ଅପରାହ୍ନରେ ତାଙ୍କ ମର ଶରୀରକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କ ଶବ ହସ୍ତାନ୍ତରିତ କରାଯାଇଥିଲା । ଶବ ଗାଁରେ ପଂହଚିବା ପରେ ଯାଜପୁର ଏଡିଏମ ଓ ଧର୍ମଶାଳା ତହସିଲଦାର ପଂହଚି ଘଟଣା ସମ୍ପର୍କରେ ବୁଝିଥିଲେ । ପରେ ଶବ ସତ୍କାର କରାଯାଇଥିବା ଜଣାପଡିଛି । ଏହି ଘଟଣାର ତଦନ୍ତ ଚାଲିଛି । ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଯାଜପୁର ଜିଲାପାଳ ଚକ୍ରବର୍ତୀ ସିଂ ରାଥୋଡ ତାଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି ।

ପଦ୍ମପୁର ଉପଖଣ୍ଡରେ ଚାଷୀ ଦୁର୍ଦ୍ଦଶା: ଧାନ କ୍ୱିଣ୍ଟାଲ୍ ୧୪ଶହରେ ବିକ୍ରି

ବରଗଡ଼, ୧୭/୧୦ (ନି.ପ୍ର): ବିଲରେ ହସୁଛି ସୁନାର ଫସଲ । ହେଲେ ଚାଷୀ ଆଖିରେ ଲୁହ । ଏଭଳି ଦୟନୀୟ ସ୍ଥିତି ସୃଷ୍ଟି ହୋଇଛି ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡରେ । ଉପଖଣ୍ଡର ଝାରବନ୍ଧ, ପାଇକମାଳ ଏବଂ ଗାଇସିଲାଟ୍ ବ୍ଲକ୍‌ରେ ୩୦% ଧାନ ଅମଳକ୍ଷମ ହୋଇସାରିଲାଣି । କେତେକ ଗାଁରେ ଚାଷୀ ଧାନ ଝଡ଼ିବା ପୂର୍ବରୁ କାଟି ସାରିଲେଣି । କିନ୍ତୁ ମଣ୍ଡି ଖୋଲିବ ଡିସେମ୍ବରରେ । ବାଧ୍ୟ ହୋଇ ଚାଷୀମାନେ ଏବେଠୁ ସ୍ୱଳ୍ପ ଦରରେ ବେପାରୀମାନଙ୍କୁ ଧାନ ବିକୁଛନ୍ତି । ଧାନ ନଷ୍ଟ ହେବା ପୂର୍ବରୁ କ୍ୱିଣ୍ଟାଲ୍ ପିଛା ୧୪ଶହ ଟଙ୍କା ଦରରେ ଚାଷୀମାନେ ବେପାରୀ ମାନଙ୍କୁ ଧାନ ବିକ୍ରି କରୁଛନ୍ତି । ପଦ୍ମପୁର ଉପଖଣ୍ଡ ଅଣଜଳସେଚିତ ଇଲାକା । ତେଣୁ ସେଠାରେ ବାରମ୍ବାର ମରୁଡ଼ି ସ୍ଥିତି ଲାଗି ରହିଥାଏ । ସ୍ୱଳ୍ପ ଜଳ ଏବଂ ସ୍ୱଳ୍ପ ସମୟରେ ଅମଳ ହୋଉଥିବା ପାଖାପାଖି ୨ ଶହ କିସମର ଧାନ ଚାଷୀ ଚାଷ କରିଥାନ୍ତି । ଏଥର ଅକ୍ଟୋବର ମାସ ଶେଷ ସୁଦ୍ଧା ୮୦ ପ୍ରତିଶତ ଧାନ ଅମଳକ୍ଷମ ହୋଇଯିବ । କିନ୍ତୁ ଧାନ ରହିବ କେଉଁଠି ପୂର୍ବ ରେକର୍ଡ ଅନୁସାରେ ପଦ୍ମପୁର ଆରଏମ୍‌ସି ଅଧୀନରେ ଥିବା ମଣ୍ଡି ଡିସେମ୍ବର ୫ରୁ ୭ ତାରିଖ ମଧ୍ୟରେ ଖୋଲିଥାଏ । ଗତବର୍ଷ ପଦ୍ମପୁର ଉପନିର୍ବାଚନ ସମୟରେ ଚାଷୀମାନେ ମଣ୍ଡି ଶୀଘ୍ର ଖୋଲିବାକୁ ଦାବି କରିଥିଲେ । ଏପରିକି କୌଣସି ଦଳର ପ୍ରାର୍ଥୀଙ୍କୁ ନାମାଙ୍କନ କରାଇ ଦେବୁନି ବୋଲି ଧାରଣା ଜାରି ରଖିଥିଲେ । ଚାଷୀଙ୍କ ଚାପ ପରେ ନଭେମ୍ବର ୧୫ ତାରିଖରୁ ମଣ୍ଡି ଖୋଲା ଯାଇଥିଲା । କିନ୍ତୁ ଏଥର ସେହି ଡିସେମ୍ବର ପ୍ରଥମ ସପ୍ତାହରୁ ହିଁ ମଣ୍ଡି ଖୋଲିବ । ଏହି ଅବଧି ଭିତରେ ଚାଷୀଙ୍କ ପ୍ରାୟ ଧାନ ମିଲର୍ସ, ବେପାରୀ ଏବଂ ଦଲାଲଙ୍କ ହାବୁଡ଼ରେ ପଡ଼ିସାରିଥିବେ । ପୁଣି ଟୋକନ୍ ଆସିବା ପରେ 'ରିଟ୍ରେଡିଂ' ପ୍ରକ୍ରିୟାରେ ଆଗତୁରା କିଣା ସରିଥିବା ଧାନକୁ କାଗଜପତ୍ରରେ ଠିକ୍‌ଠାକ୍ କରାଯିବ । ପଡ଼ୋଶୀ ଛତିଶଗଡ଼ ରାଜ୍ୟରେ ଗୋଟିଏ ଚାଷୀ କାର୍ଡ ମାଧ୍ୟମରେ ତିନି ଥର ଧାନ ବିକ୍ରି କରିଥାଏ । କିନ୍ତୁ ଓଡ଼ିଶାରେ ଥରକରେ ଗୋଟିଏ ବସ୍ତା ଧାନ ବିକିଲେ ବି ଟୋକନ୍ ଲାସ୍ତ ହୁଏ । ଛତିଶଗଡ଼ ଭଳି ଏଠାରେ ବି ଏହି ପ୍ରକ୍ରିୟା ଆରମ୍ଭ କରିବାକୁ ଚାଷୀମାନେ ଦୃଢ଼ ଦାବି ରଖୁଛନ୍ତି ।

ବିଶ୍ୱ ହାତଧୁଆ ଦିବସ ପାଳିତ

ସୋନପୁର, ୧୭/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଜୁନିୟର ରେଡକ୍ରସ ଚେୟାର ପର୍ସନ ତଥା ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ଆହ୍ୱାନ କ୍ରମେ ବିଭିନ୍ନ ସ୍କୁଲର ଜୁନିୟର ରେଡକ୍ରସ ୟୁନିଟ ତରଫରୁ ବିଶ୍ୱ ହତାଧୁଆ ଦିବସ ପାଳିତ ହୋଇଯାଇଛି । ୨୦୨୩ ବର୍ଷର ଥିମ୍ "ସଫା ହାତ ଆମ ପହଂଚର" କ୍ରମରେ ସ୍ଥାନୀୟ ବାବୁପାଲି ସ୍କୁଲ, କୋଶଳ ଆବାସିକ ସ୍କୁଲ, ପ୍ରତାପପୁର ସ୍କୁଲ, ମାୟାବର୍ହା ହାଇସ୍କୁଲ, ସୁବଳୟା ହାଇସ୍କୁଲ, ଜୟ ଜଗନ୍ନାଥ ହାଇସ୍କୁଲ ଭଳି ବିଭିନ୍ନ ସ୍କୁଲରେ ଉକ୍ତ ଦିବସ ପାଳିତ ହୋଇଯାଇ ଛାତ୍ରଛାତ୍ରୀମାନଙ୍କୁ ହାତଧୁଆର ଛଅଗୋଟି ସୋପାନ ବିଷୟରେ ତାଲିମ ଦିଆଯାଇଛି । ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ ମୁଖ୍ୟ ଅତିଥିଭାବରେ ଯୋଗଦେଇ ହାତ ଧୋଇବାକୁ ନିତିଦିନ ଅଭ୍ୟାସ କରି ନିଜର ସ୍ୱାସ୍ଥ୍ୟକୁ ବିକଶିତ କରିବାକୁ ଗୁରୁତ୍ୱାରୋପ କରିଛନ୍ତି । ସମ୍ମାନିତ ଅତିଥିଭାବରେ ଜିଲ୍ଲା ଜୁନିୟର ରେଡକ୍ରସ ଉପସଭପତି ଯୋଗଦେଇ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଜୁନିୟର ରେଡକ୍ରସ ଅଫିସର ରବି ଚନ୍ଦ୍ର ପଶାୟତ ପରିଚାଳନା କରିଥିଲେ । ସାଧନ କର୍ମୀ ଚନ୍ଦ୍ରମଣି ବାଘ, ଗୋପେଶ ପଣ୍ଡା, ଚନ୍ଦ୍ର ଶେଖର ମହାପାତ୍ର, ମୋନାଲିସା ପରିମାଣିକ, ହେମନ୍ତ ମେହେର, ବ୍ରତାନନ୍ଦ ଭୋଇ, ସଙ୍ଗୀତା ପଧାନ ପ୍ରମୁଖ ତାଲିମ ଦେଇଥିଲେ ।

କୁନି ଚିତ୍ର ଶିଳ୍ପୀ ସମ୍ବର୍ଦ୍ଧିତ

ଘଟଗାଁ, ୧୭/୧୦ (ନି.ପ୍ର): ସ୍ଥାନୀୟ ବାଲିପୋଖରୀ ପଂଚାୟତ ସମ୍ମିଳନୀ କକ୍ଷରେ କୁନି ଚିତ୍ର ଶିଳ୍ପୀ ପାର୍ବତୀ ପାତ୍ରଙ୍କୁ ଭୀମସେନ ରାଉତ ସ୍ମୃତି ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବର୍ଷୀୟାନ ରମେଶ ଚନ୍ଦ୍ର ଖଣ୍ଡା ସଭାପତିତ୍ୱ କରିଥିବା ସ୍ଥଳେ ମୁଖ୍ୟ ଅତିଥି ଭାଗିରଥି ନାୟକ, ମୁଖ୍ୟବକ୍ତା କୁଳମଣି ମଣ୍ଡଳ, ସମ୍ମାନୀତ ଅତିଥି କୈଳାଶ ଚନ୍ଦ୍ର ଖଣ୍ଡା, ଦାଶରଥି ନାଏକ, ଜଗବନ୍ଧୁ ମହାନ୍ତ, ଦାମୋଦର ଖଣ୍ଡା, ଭିଷ୍ମସେନ୍ ନାୟକ, ବାଇଧର ନାୟକ ପ୍ରମୁଖ ସ୍ୱର୍ଗତ ଭୀମସେନ ରାଉତ ଘଟଗାଁରେ ସ୍ୱାଧିନାତୋର ଶିକ୍ଷାର ବିକାଶ ପାଇଁ ମଣିଷ ତିଆରି କାରଖାନାର ଜଣେ ସଫଳ ଯୋଗଜନ୍ମା ଥିଲେ ବୋଲି ଆଲୋଚନା କରିଥିଲେ । କ୍ଲଷ୍ଟର ସ୍ତରରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ହୋଇ କୁନି ଚିତ୍ର ଶିଳ୍ପୀ ଦିନେ ରାଜ୍ୟରେ ଗୌରବ ଅର୍ଜନ କରିବ ବୋଲି ମୁଖ୍ୟବକ୍ତା କୁଳମଣି ମଣ୍ଡଳ ଆଶା ପୋଷଣ କରିବା ସହ ଭୀମ ସେନ ରାଉତଙ୍କ ପରି ସଚ୍ଚା ନାଗରିକ ହେବେ ବୋଲି ଆଶା ପୋଷଣ କରିଥିଲେ । ଶିକ୍ଷାବିତ ଡମ୍ବରୁଧର ରାଉତ ସମ୍ବର୍ଦ୍ଧିତ ପାର୍ବତୀ ପାତ୍ର ଆଗକୁ ଭଲ ଚିତ୍ରଶିଳ୍ପୀ ପାର୍ବତୀଙ୍କ ଉତୋରତର ଉନ୍ନତି କାମନା ସହ ସ୍ୱର୍ଗତ ଭୀମସେନ ରାଉତ କିପରି ମା ତାରିଣୀଙ୍କ ଚିତ୍ରକୁ ତାରିଣୀଙ୍କ ଫୋଟ ପ୍ରସ୍ତୁତ କରି ଆଜି ଘରେ ଘରେ ସେହି ମା ତାରିଣୀଙ୍କ ଫଟୋ ପୂଜା ପାଉଛନ୍ତି ତାହା ବର୍ଣ୍ଣନା କରିଥିଲେ ।କାର୍ଯ୍ୟକ୍ରମକୁ ସ୍ୱରାଜ ପଣ୍ଡା, ସନ୍ତୋଷ ବେହେରା, ଗୁଣନିଧି ରାଉତ, କମଳ ନାୟକ, ପରମାନନ୍ଦ ସେଠୀ, ରୋହିତ ମହାକୁଡ, ସବିତା ନାୟକ, ଶକୁନ୍ତଳା ନାୟକ, ଅର୍ଜୁନ ମହନ୍ତ, ପ୍ରମୋଦ ଗିରି, ପ୍ରତାପ ମହନ୍ତ, ପ୍ରହ୍ଲାଦ ମହାନ୍ତ, ଅନାଦି ସିଂହ, ଉଜ୍ଜ୍ୱଳ ସାହୁ, ଶେଖ୍ ଦାଉଦ୍, ରାଧାଶ୍ୟାମ ରାଉତ, ଚନ୍ଦ୍ରଶେଖର ସାହୁ ପ୍ରମୁଖ ପରିଚାଳନା କରିଥିବା ଜଣାପଡିଛି ।

ବେକରେ ଦଉଡି ଲଗାଇ ଯୁବକର ଆତ୍ମହତ୍ୟା

ଜୟପୁର, ୧୭/୧୦ (ନି.ପ୍ର): ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ବେକରେ ଦଉଡି ଲଗାଇ ଜଣେ ଯୁବକ ସୋମବାର ଆତ୍ମହତ୍ୟା କରିଛନ୍ତି । ମୃତକ ଜଣକ ହେଉଛନ୍ତି ପାରାବେଡାରେ ରହୁଥିବା ଡମ୍ବୁରୁ ପରଜା । ସେ ପୌରପାଳିକାରେ ସୁଇପର ଭାବେ କାର୍ଯ୍ୟ କରୁଥିଲେ । ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଏକ ଗଛ ଉପରେ ଚଢି ସେ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ଖବର ଜୟପୁର ଟାଉନ ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଏ ସଂକ୍ରାନ୍ତରେ ଜୟପୁର ଟାଉନ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କର ତଦନ୍ତ ଆରମ୍ଭ କରିଥିବା ଟାଉନ ଥାନା ସୂତ୍ରରୁ ସୂଚନା ଦିଆଯାଇଛି ।

୧୨୦ଗାଁକୁ ପାଦଚଲା ରାସ୍ତା ଭରସା: କାମରେ ଲାଗୁନି ଡିଏମ୍‌ଏଫ୍, ଓମ୍‌ବାଡସିରେ ଥିବା ହଜାରହଜାର କୋଟି

ସୁନ୍ଦରଗଡ଼, ୧୭/୧୦ (ନି.ପ୍ର): ଚାରିଆଡ଼େ ପାହାଡ଼, ମଝିରେ ଗାଁ ରାକସଖୋଲ । ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ୍ ଡୁମାବାହାଲ ପଞ୍ଚାୟତର ଏହି ଆଦିବାସୀ ଗାଁକୁ ଯିବାକୁ ହେଲେ ପାହାଡ଼ିଆ ପାଦଚଲା ବାଟରେ ୩ କିଲୋମିଟର ଉଠିବାକୁ ପଡ଼ିବ । କେହି ସହରୀ ଲୋକ ଥରେ ସେଠାକୁ ଗଲେ ଆଉ କେବେ ଯିବା କଥା ହୁଏତ ଭାବିବେ ନାହିଁ । କେବଳ ବଡ଼ମାନେ ଯେ ପାଦଚଲା କଷ୍ଟ ଭୋଗୁଛନ୍ତି ତାହା ନୁହେଁ, କୁନିକୁନି ପିଲା ମଧ୍ୟ ପାଠ ପଢ଼ିବାକୁ ୩ କିଲୋମିଟର ପାହାଡ଼ିଆ ରାସ୍ତାରେ ଯିବାଆସିବା କରୁଛନ୍ତି । ଗାଁରେ କେବେ କାହାର ଯଦି ଦେହ ଖରାପ ହେଲା ତ କଥା ସରିଲା । ଖଟ ଦୋଳା ହିଁ ଭରସା ।

ସେହିପରି ଅନ୍ୟ ଏକ ଅପହଞ୍ଚ ଗାଁ ହେଲା ଭାଲୁବାହାଲ । ଜିଲ୍ଲା ସଦରମହକୁମାରୁ ମାତ୍ର ୧୫ କିଲୋମିଟର ଓ ତସଲାଡ଼ିହି ପଞ୍ଚାୟତରୁ ୮ କିଲୋମିଟର ଦୂରରେ ରହିଛି ଏହି ପାହାଡ଼ି ଗାଁ । କିଛି ଦୂର ପକ୍କା ରାସ୍ତାରେ ଗଲେ ଆଗକୁ ୫ କିଲୋମିଟର ପଥୁରିଆ ଓ ମାଟିର ସରୁବାଟଟେ ଗାଁକୁ ଉଠିଯାଇଛି । ୨୦୧୮ ଅକ୍ଟୋବର ୩୦ରେ ତତ୍କାଳୀନ ଜିଲ୍ଲାପାଳ ସୁରେନ୍ଦ୍ର କୁମାର ମୀନା ବାଇକ୍‌ରେ ବସି ଉଠାପକା ରାସ୍ତାରେ ପହଞ୍ଚିଥିଲେ ଗାଁକୁ । ସେତେବେଳେ ଜିଲ୍ଲାପାଳ ଓ ଏ ଭାଲୁବାହାଲ ଗଣମାଧ୍ୟମର ଚର୍ଚ୍ଚିତ ଶିରୋନାମା ପାଲଟିଥିଲା । ଜିଲ୍ଲାପାଳଙ୍କ ଗସ୍ତକୁ ୫ ବର୍ଷ ବିତିଥିଲେ ମଧ୍ୟ ଏହି ଗାଁର ଭାଗ୍ୟ ବଦଳି ନାହିଁ । କେବଳ ଏ ଦୁଇ ଗାଁ ନୁହେଁ, ପାଦଚଲା ବାଟର ବିଡ଼ମ୍ବନା ସହ ପିଢ଼ିପିଢ଼ି ଧରି ବାଟ ଚାଲୁଛନ୍ତି ଜିଲ୍ଲାର ୧୩ଟି ବ୍ଲକ୍‌ର ବଣମୁଲକରେ ଥିବା ୧୨୦ଟି ଗାଁ ବା ପଡ଼ା । ତଥ୍ୟ ଅନୁସାରେ, ବାଲିଶଙ୍କରା ବ୍ଲକ୍‌ର ୭ଟି ପଡ଼ା, ବଡ଼ଗାଁ ବ୍ଲକ୍‌ର ୨ଟି ପଡ଼ା, ବିଶ୍ରା ବ୍ଲକ୍‌ର ୪ଟି ପଡ଼ା, ବଣାଇ ବ୍ଲକ୍‌ର ୫ଟି ପଡ଼ା, କୋଇଡ଼ା ବ୍ଲକ୍‌ର ୯ଟି ପଡ଼ା, ଲହୁଣିପଡ଼ା ବ୍ଲକ୍‌ର ୩ଟି ପଡ଼ା, ଲାଠିକଟା ବ୍ଲକ୍‌ର ୫ଟି ପଡ଼ା, ଲେଫ୍ରିପଡ଼ା ବ୍ଲକ୍‌ର ୭ଟି ପଡ଼ା, ରାଜଗାଙ୍ଗପୁର ବ୍ଲକ୍‌ର ୩୦ଟି ପଡ଼ା, ସବଡେଗା ବ୍ଲକର ୪ଟି ପଡ଼ା, ଟାଙ୍ଗରପାଲି ବ୍ଲକ୍‌ର ୨ଟି ପଡ଼ା

ଲିପ୍‌ବାମ ଠାରୁ ଦୂରେଇ ରୁହନ୍ତୁ

ଓଠକୁ ନରମ ଓ ମୁଲାୟମ କରିବା ପାଇଁ ସମସ୍ତେ ଅତ୍ୟଧିକ ଲିପବାମ୍ ଲଗାଇଥାନ୍ତି। କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଓଠର ସୁନ୍ଦରତା ବଢ଼ାଇବା ପରିବର୍ତ୍ତେ ଲିପ୍‌ବାମ୍ ବହୁତ କ୍ଷତି ପହଂଚାଇଥାଏ। ଅତ୍ୟଧିକ ଲିପବାମ ଲଗାଇବା ପରେ ଓଠ ଆଉ ଅଧିକ ଖରାପ ହୋଇଯାଏ। କାରଣ ଲିପବାମରେ ଅତ୍ୟଧିକ କେମିକାଲରେ ବ୍ୟବହାର କଲେ ଓଠ ଫାଟିବା ପରି ସମସ୍ୟା ଦେଖାହୋଇଥାଏ। ନିକଟରେ ହୋଇଥିବା ଏକ ଅଧ୍ୟୟନ ଅନୁସାରେ ଲିପବାମ୍‌ରେ ଅଭ୍ୟସ୍ତ ପରି କୌଣସି ତତ୍ତ୍ୱ ନଥାଏ। କିନ୍ତୁ ପ୍ରତିଦିନ ଲିପବାମ୍ ବ୍ୟବହାର କରିବା ଯୋଗୁଁ ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଏ। ଅନ୍ୟପରେ ଲିପବାମ୍ ଲଗାଇଲେ ଆଲର୍ଜି ହେବାର ସମ୍ଭାବନା ମଧ୍ୟ ବେଶ୍ ରହିଥାଏ। ସୁଗନ୍ଧ ପାଇଁ ଲିପବାମରେ ଯେଉଁ କେମିକାଲ ବ୍ୟବହାର କରାଯାଇଥାଏ, ତାହା ଆଲର୍ଜିର କାରଣ ହୋଇଥାଏ।

ବସ୍‌ରେ ବସାଇଲେ ନିଜଘର

ଜୀବନଯାତ୍ରାରେ ଅନେକ ସମୟରେ ଆମେ ଛୋଟମୋଟ ଘଟଣାକୁ ନେଇ ଡରିଯାଇଥାଉ। ହେଲେ ଯିଏ ଏହି ଛୋଟମୋଟ ସମସ୍ୟାର ସମାଧାନ କରି ଆଗକୁ ବଢ଼ିଥାଏ ତାକୁ ହିଁ କୁହାଯାଏ ପ୍ରକୃତ ହୀରୋ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଆମେରିକାର ସିଏଲଟଲରେ ରହୁଥିବା ବ୍ରିୟନ ଏବଂ ଷ୍ଟାରଲାଙ୍କ କ୍ଷେତ୍ରରେ।

ବିବାହ ପରେ ତିନୋଟି ସନ୍ତାନର ମାତା, ପିତା ହେଇଥିବା ଏହି ଦୁଇଜଣଙ୍କ ପାଇଁ ବଡ଼ ସମସ୍ୟା ପାଲଟିଥିଲା ଘରଟିଏ। କାରଣ ଘରଭଡ଼ା ଏତେ ମହଙ୍ଗା ଥିଲା ଯେ ସେମାନେ ଦେବାରେ ସମ୍ପୂର୍ଣ୍ଣ ଅସମର୍ଥ ଥିଲେ। ହେଲେ ଆର୍ଥିକ ଅଭାବ ସତ୍ତ୍ୱେ ହାର ମାନି ନଥିଲେ ବ୍ରିୟନ୍ ଏବଂ ଷ୍ଟାରଲା। ନିଜ ଘର ପାଇଁ ସେମାନେ ଅତି କମ ଅର୍ଥ ଦେଇ କିଣିଥିଲେ ଏକ ପୁରୁଣା ସ୍କୁଲ ବସ୍। ଆଉ ଏହାପରେ ଦୁହେଁ ଲାଗିପଡ଼ିଥିଲେ ବସ୍‌କୁ ସେମାନଙ୍କର ଘରରେ ବଦଳାଇବାର ପ୍ରକ୍ରିୟାରେ। ଆଉ କିଛି ମାସ ମଧ୍ୟରେ ସେମାନେ ବେଶ ସଫଳ ମଧ୍ୟ ହୋଇଥିଲେ। ଏବେ ନିଜ ପରିବାର ସହ ବେଶ ଖୁସିରେ ଏହି ଘରେ ସେମାନେ ରହୁଥିଲା ବେଳେ ଅନ୍ୟମାନଙ୍କ ପାଇଁ ଏହା ପାଲଟିଛି ଏକ ବଡ଼ ଉଦାହରଣ।

ନିଦରୁ ଉଠିଲା ବେଳେ...

ମୁହଁରେ କଳାଦାଗ, କ୍ଲାନ୍ତ ଆଖି, ମାନ୍ଦା ତ୍ୱଚା ଏବଂ ଶୁଷ୍କ କେଶ ଏସବୁ କେବେ ଶାନ୍ତି ନିଦ୍ରା ଆଣିନଥାଏ। ପ୍ରତିଦିନ ୮ ଘଣ୍ଟା ବିଶ୍ରାମ କରିବା ଯେମିତି ପ୍ରଫେସନାଲଙ୍କ ପାଇଁ ଅତି କଷ୍ଟକର। ଆମେ କେମିତି ବେଶୀ ଫର୍ଫେକ୍ଟ ଲାଗିବା ସେଥିପାଇଁ ଯଥେଷ୍ଟ ପରିଶ୍ରମ ମଧ୍ୟ କରିଥାଉ। ନିଦରୁ ଉଠୁ ଉଠୁ ପ୍ରଥମେ ସୁନ୍ଦର ତ୍ୱଚା ସହିତ ଉଠିଲେ ବେଶୀ ଖୁସି ଲାଗେ। ସବୁଠାରୁ ଗ୍ରେଟ ୱେକଅପ୍ ଟିପ୍ସ ହେଉଛି ନିଦରୁ ଉଠୁ ଉଠୁ ତ୍ୱଚାକୁ ଉଜ୍ଜ୍ୱଳ ରଖିବା ପାଇଁ ମୁହଁରେ କିଛି ଥଣ୍ଡା ପାଣି ଛାଟି ଧୋଇବା। ଥଣ୍ଡା ରହିବା ଦ୍ୱାରା ରକ୍ତ ସଂଚାଳନ ଭଲଭାବେ ହେବ ଏବଂ ତ୍ୱଚା ମଧ୍ୟ ଅଧିକ ନରମ ଏବଂ ଟୋନ୍‌ଡ ଲାଗିବ। ଶୁଷ୍କ ତ୍ୱଚାପାଇଁ ସର୍ବଦା ଭଲ ମଶ୍ଚରାଇଜର ବ୍ୟବହାର କରିପାରିବେ। ଯଦି ଏହା କାମ ନକରୁଛି ତେବେ ଏଥିପାଇଁ ଆପଣ କ୍ଷୀର ଏବଂ ବରଫ ମିଶାଇ ମୁହଁରେ ଲଗାଇ ପାରିବେ। କ୍ଲାନ୍ତ ଆଖି ଅତି ସମସ୍ୟା ସୃଷ୍ଟି କରିଥାଏ। ଏଥିପାଇଁ ପେପଟିସାଇଡ୍‌ସ ଥିବା ଏକ ଆଇ କ୍ରିମ୍ ବ୍ୟବହାର କରନ୍ତୁ। ସାରା ରାତି ଏହାକୁ ଫ୍ରିଜ୍‌ରେ ରଖି ସକାଳୁ ମୁହଁରେ ଆପ୍ଲାଏ କରନ୍ତୁ। ଆଖି ତଳ କଳା ଦେଖାଯାଉଥିଲେ କିଛି କନସିଲର ବ୍ୟବହାର କରିପାରିବେ। ସବୁଠାରୁ ବଡ଼ ଟ୍ରିକ୍ ହେଉଛି ଆଇଲ୍ୟାସ୍ କର୍ଲର ବ୍ୟବହାର କରି ବା ଆଖିରେ ଭଲ ମସ୍କରା ବ୍ୟବହାର କରି ଏହାକୁ ଭଲଭାବେ କର୍ଲ କରିଦିଅନ୍ତୁ। କେଶ ଉପରେ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ଦେବାକୁ ପଡିବ। ଯଦି ସମୟ ନାହିଁ ସାଞ୍ଚୋ କରିବା ପାଇଁ ତେବେ କେଶରୁ ଚିକ୍‌ଟା ଅଂଶ କମାଇବା ପାଇଁ ପାଉଡର ବ୍ୟବହାର କରିପାରିବେ। ଲିଭ-ଇନ କଣ୍ଡିସନର ଏବଂ କିଛି ସିରମ୍ ଦ୍ୱାରା ଶୁଷ୍କ କେଶର ଯତ୍ନ ନିଆଯାଇ ପାରିବ।

ରବର ବଏ ୟଶ୍



ଭଗବାନଙ୍କ ଏହି ବିଚିତ୍ର ଦୁନିଆରେ ବିଭିନ୍ନ ପ୍ରକାରର ଲୋକ ଜନ୍ମ ନେଇଛନ୍ତି। କିନ୍ତୁ ଏପରି ଜଣେ ବ୍ୟକ୍ତି ଅଛନ୍ତି ଯିଏକି ନିଜ ଶରୀରକୁ ସହଜରେ ବୁଲେଇ ପାରନ୍ତି। ସୁରତରେ ବସବାସ କରୁଥିବା ୟଶ୍ ସାହା ଦେଖିବାକୁ ସାଧାରର ମଣିଷଙ୍କ ଭଳି। କିନ୍ତୁ ୟଶ୍ ତାଙ୍କ ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ ଏଭଳି ଢଙ୍ଗରେ ଉପସ୍ଥାପନ କରନ୍ତି ଯାହାକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗିଥାଏ। ୟଶ୍ ଶରୀରର ପ୍ରତ୍ୟେକ ଅଙ୍ଗକୁ ରବର ଭଳି ଘୂରାଇ ଦେଉଛନ୍ତି। ବିନା କୌଣସି କଷ୍ଟରେ ୧୮୦ ଡିଗ୍ରୀ ଓ ହାତ-ଗୋଡ଼କୁ ୩୬୦ଡିଗ୍ରୀ ପର୍ଯ୍ୟନ୍ତ ପୂରାଇ ପାରୁଛନ୍ତି। ତେବେ ନିଜ ଶରୀରକୁ ଅତି ସହଜରେ ବୁଲାଇ ପାରୁଥିବାରୁ ସୁରତର ଅଧିବାସୀମାନେ ତାଙ୍କୁ ରବର ବୟ ବୋଲି ଡାକନ୍ତି। ତେବେ ୟଶ୍ ଏପରି କାରନାମା ଏବେ ସୋସିଆଲ ମିଡ଼ିଆରେ ଖୁବ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଜାଣିକରି ଆପଣ ଆଶ୍ଚର୍ଯ୍ୟ ହେବେ ଯେ, ୟଶ୍ ଦ୍ୱାଦଶ ଶ୍ରେଣୀର ବିଜ୍ଞାନ ଛାତ୍ର। ନିଜର ଏପରି କଳା ନିମନ୍ତେ ସେ ଆମେରିକାର କଂଟେଷ୍ଟାଣ୍ଟ ଡାନିଏଲ ବ୍ରାଉନିଂ ସ୍ମିଥଙ୍କୁ ନିଜର ଗୁରୁ ଭାବରେ ମାନନ୍ତି। ଡାନିଏଲ ବ୍ରାଉନିଂ ସ୍ମିଥଙ୍କ ଭିଡ଼ିଓକୁ ୟୁଟ୍ୟୁବ୍‌ରେ ସବୁବେଳେ ଦେଖୁଥାଆନ୍ତି। ଡାନିଏଲଙ୍କର ଇଚ୍ଛା ରହିଛି ଯେ, ତଶଙ୍କର ନାମ ଏବେ ଗିନିଜ ବୁକ ଅଫ ୱାର୍ଲ୍ଡରେ ସାମିଲ କରିବାକୁ ଚାହାନ୍ତି।

ଚମତ୍କାରୀ ଶିଶୁ

କଥାରେ ଅଛି ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ। ଅର୍ଥାତ୍ ଯାହାକୁ ଈଶ୍ୱର ରକ୍ଷା କରନ୍ତି ଯେତେ ବଡ଼ ବିପଦ ଆସିଲେ ବି ତାର କିଛି କ୍ଷତି ହୁଏନାହିଁ। ମୁମ୍ବାଇର ୪ ମାସର ଶିଶୁ ବିଦିଶା ଏହାର ପ୍ରକୃଷ୍ଟ ଉଦାହରଣ। ଜନ୍ମ ହେବା ସମୟରୁ ବିଦିଶାର ହୃତପିଣ୍ଡରେ ସମସ୍ୟା ଥିଲା। ତେଣୁ ନିକଟରେ ତାର ଏକ ଅସ୍ତ୍ରୋପଚାର କରାଯାଇଥିଲା। ଯାହାକି ୧୨ ଘଂଟା ପର୍ଯ୍ୟନ୍ତ ଚାଲିଥିଲା। ତାପରେ ସେ ୬ ଥର ହୃଦଘାତର ଶିକାର ହୋଇଥିଲା। ତଥାପି ମୃତ୍ୟୁ ତାକୁ ପରାସ୍ତ କରିପାରି ନାହିଁ। ଗତ ଦୁଇମାସ ହେଲା ସେ ମୁମ୍ବାଇର ଏକ ହସପିଟାଲରେ ଚିକିତ୍ସିତ ହେଉଛି। ସେଠାରେ ଲୋକମାନେ ତାକୁ 'ଚମତ୍କାରୀ ଶିଶୁ' ବୋଲି କହୁଛନ୍ତି।

ମୁମ୍ବାଇର କଲ୍ୟାଣ ନିବାସୀ ବିଶାଖା ଏବଂ ବିନୋଦ ୱାଘମାରେଙ୍କ କନ୍ୟା ହେଉଛି ବିଦିଶା। ସେ ୪୫ ଦିନର ହୋଇଥିବାବେଳେ ମା'ଙ୍କ ଠାରୁ କ୍ଷୀର ପିଇବା ପରେ ବାନ୍ତି କରି ବେହୋସ ହୋଇଯାଇଥିଲା। ବାପା ମା' ତାକୁ ଉଠାଇଲେ ମଧ୍ୟ ପରେ ସେ ପୁଣି ବେହୋସ ହୋଇପଡ଼ିଥିଲା। ତା'ପରେ ତାକୁ ଏକ ସ୍ଥାନୀୟ ନର୍ସିଂହୋମକୁ ନିଆଯାଇଥିଲା। ସେଠାକାର ଡାକ୍ତରମାନେ ବିଦିଶକୁ ବିଜେ ୱାଡ଼ିଆ ହସପିଟାଲ ନେବାପାଇଁ ପରାମର୍ଶ ଦେଲେ। ସେସଠାରେ ତାର ହୃଦୟର ଆକାର ଜଣେ ସାଧାରଣ ଲୋକର ହୃଦୟଠାରୁ ବିଲକୁଲ ଭିନ୍ନ ବୋଲି ଜଣାପଡ଼ିଲା। ତେଣୁ ମାର୍ଚ୍ଚ ୧୪ତାରିଖରେ ବିଦିଶାର ୧୨ଘଂଟା ଧରି ଏକ ଅସ୍ତ୍ରୋପଚାର କରାଗଲା। ପରବର୍ତ୍ତୀ ୫୧ଦିନଧରି ସେ ଆଇସିୟୁରେ ଭର୍ତ୍ତି ଥିଲା। ଏହି ସମୟରେ ତାକୁ ୬ଥର ହୃଦଘାତ ହୋଇଥିଲା। ତା' ସତ୍ତ୍ୱେ ସେ ଜୀବିତ ରହିଛି। ଏଭଳି କ୍ଷେତ୍ରରେ ଡାକ୍ତରମାନେ ମଧ୍ୟ ଏହାକୁ ଏକ ଚମତ୍କାର ବୋଲି କହୁଛନ୍ତି।

ଶିଶୁପାଇଁ ସୁନିଦ୍ରା

ସୁନିଦ୍ରା ମଣିଷ ଜୀବନରେ ସୁସ୍ଥତା ପାଇଁ ନିହାତି ଜରୁରୀ। ଏହା ନବଜାତ ଶିଶୁ କ୍ଷେତ୍ରରେ ତ ଆହୁରି ଗୁରୁତ୍ୱପୂର୍ଣ୍ଣ। ନବଜାତ ଶିଶୁ ଲାଗି ସ୍ତନ୍ୟପାନ ଯେତିକି ଆବଶ୍ୟକ, ସୁନିଦ୍ରା ମଧ୍ୟ ସେତିକି ଆବଶ୍ୟକ। ଏହି କାରଣରୁ ଜନ୍ମ ପରଠାରୁ ଏକ ବର୍ଷ ପର୍ଯ୍ୟନ୍ତ ଶିଶୁର ନିଦ୍ରା ଉପରେ ଦୃଷ୍ଟି ଦେବା ଉଚିତ। ପର୍ଯ୍ୟାପ୍ତ ନିଦ୍ରା ଫଳରେ ହିଁ ଶିଶୁର ଶାରୀରିକ ଓ ମାନସିକ ବିକାଶ ଖଟିଥାଏ। ନବଜାତ ଶିଶୁ ଅତିକମ୍‌ରେ ୧୬ ଘଣ୍ଟା ଶୋଇବା ଉଚିତ। ଦିନରେ ୭ରୁ ୮ ଘଣ୍ଟା ଏବଂ ରାତିରେ ୮ରୁ ୯ ଘଣ୍ଟା ନିଦ୍ରାଯିବା ଉଚିତ। ଶିଶୁ ବଡ଼ ହେବା ସହିତ ତା'ର ଶୋଇବା ସମୟ ହ୍ରାସ ପାଇଥାଏ। ୨ରୁ ୬ ମାସର ଶିଶୁ ଦୈନିକ ୧୪ ଘଣ୍ଟା ଏବଂ ୭ରୁ ଏକବର୍ଷର ଶିଶୁ ଦୈନିକ ୧୩ ଘଣ୍ଟା ଶୋଇବା ଉଚିତ। ନବଜାତକ ମାନେ ନିଜ ମା'ଙ୍କ ସହିତ ଶୋଇଲେ ସୁନିଦ୍ରା ଆସିଥାଏ। ଶୋଇଥିବା ବେଳେ ଶିଶୁକୁ ସ୍ତନ୍ୟପାନ କରାନ୍ତୁ ନାହିଁ। ମଦ୍ୟପାନ, ଧୂମପାନ କିମ୍ବା କୌଣସି ଔଷଧ ସେବନ କରୁଥିବା ବ୍ୟକ୍ତିକୁ ଶିଶୁ ନିକଟରେ ଶୋଇବାକୁ ଦିଅନ୍ତୁ ନାହିଁ। ଶୁଖିଲା ଓ ସଫା କପଡ଼ାରେ ଶିଶୁକୁ ଶୁଆନ୍ତୁ। ଶିଶୁ ଶୋଇଥିବା ବିଛଣା ଯେମିତି ସାମାନ୍ୟ ଓଦା ବି ନହୁଏ ସେଥିପ୍ରତି ଧ୍ୟାନ ଦେବା ଜରୁରୀ। ଓଦା କପଡ଼ାରେ ଶୁଆଇଲେ ଶିଶୁକୁ ସୁନିଦ୍ରା ତ ହୋଇନଥାଏ, ସଂକ୍ରମଣ ହେବାର ଆଶଙ୍କା ରହିଥାଏ। ଶିଶୁ ଶୋଇବା ବେଳେ ଯେପରି ଶବ୍ଦ ନ ହୁଏ ସେଥିପ୍ରତି ଧ୍ୟାନ ରଖନ୍ତୁ।

ଜାଣିଛ ! ଠିକ୍ ସମୟରେ ଶୋଇବା

ଜର୍ଣ୍ଣାଲ ଅଫ ଏପିହିଓଲୋଜି ଆଣ୍ଡ କମ୍ୟୁନିଟି ହେଲ୍‌ଥରେ ପ୍ରକାଶ ପାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ରାତିରେ ଏକ ନିର୍ଦ୍ଦିଷ୍ଟ ସମୟରେ ଶୋଇନଥିବା ଶିଶୁ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଅଧ୍ୟୟନରେ ସାମିଲ ଶିଶୁ ମାନଙ୍କ ଶୋଇବା ସମୟକୁ ଲକ୍ଷ୍ୟ କରାଯିବା ପରେ ଦେଖାଯାଇଛି ଯେ, ୩ ବର୍ଷର ଶିଶୁଙ୍କ ଶୋଇବା ସମୟ ଆଦୌ ଠିକ୍ ରହେ ନାହିଁ। ଏହା ପୁଅ ଓ ଝିଅଙ୍କ କ୍ଷେତ୍ରରେ ସମାନ। ଏହି ବୟସରେ ଶିଶୁର ମସ୍ତିଷ୍କ ବିକାଶ ପାଇଁ ଶ୍ରେଷ୍ଠ ସମୟ ହୋଇଥିବାରୁ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟରେ ଶୁଆଇବା ଦରକାର। ୭ ବର୍ଷ ବୟସର ଝିଅ ଶୋଇବା ସମୟରେ ପ୍ରାୟ ଠିକ୍ ରହେ। କିନ୍ତୁ ପୁଅ ମାନଙ୍କ କ୍ଷେତ୍ରରେ ଏହା ଦେଖାଯାଏ ନାହିଁ। ଯେଉଁ ପୁଅମାନଙ୍କ ଶୋଇବା ସମୟରେ ଏ ପାଖ ସେପାକ ହୁଏ ସୋମନେ ଅଙ୍କରେ ପଛୁଆ ବୋଲି କୁହାଯାଇଛି। ଏଥିପାଇଁ ଶିଶୁମାନେ କିଭଳି ସଠିକ ସମୟରେ ଶୋଇବେ ସେଥିପ୍ରତି ଧ୍ୟାନ ଦେବା ଜରୁରୀ।

ଓର୍ଚ୍ଛା

ଜଙ୍ଗଲ ପାହାଡ଼ ପରିବେଷ୍ଟିତ ସ୍ଥାନଟିଏ। ଉଚ୍ଚକୋଟୀର କଳା, ସଂସ୍କୃତି ଓ ସ୍ଥାପତ୍ୟ ତା'ର ପରିଚୟ। ନିଜର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଏବଂ ଐତିହାସିକ ଗାଥାରେ ପର୍ଯ୍ୟଟକଙ୍କୁ ବିମୋହିତ କରାଇ ପାରୁଥିବା ଏହି କ୍ଷେତ୍ରଟି ହେଉଛି 'ଓର୍ଚ୍ଛା'।

ମଧ୍ୟପ୍ରଦେଶର ଉତ୍ତର ଭାଗରେ ବେଟୱା ନଦୀକୂଳରେ ଅବସ୍ଥିତ ଓର୍ଚ୍ଛା ଏକ ଛୋଟିଆ ସହର। ଇତିହାସ ପୃଷ୍ଠା ଲେଉଟାଇଲେ ଜଣାଯାଏ, ଏହି ସ୍ଥାନଟି ୧୫୩୧ ମସିହାରେ ବୁନ୍ଦେଲା ଶାସକଙ୍କ ଦ୍ୱାରା ଅବିଷ୍କୃତ ହୋଇଥିଲା। ଷୋଡଶ ଓ ସପ୍ତଦେଶ ଶତାବ୍ଦୀର ସଂସ୍କୃତି ଓ ସ୍ଥାପତ୍ୟକୁ ନିଜ ବକ୍ଷରେ ଧରି ରଖିଥିବା ବହୁ ମନ୍ଦିର ତଥା ବଡ଼ବଡ଼ ପ୍ରାସାଦ, ମହଲ ହେଉଛି ଓର୍ଚ୍ଛାର ବିଶେଷ ଆକର୍ଷଣ। ଏହି ମନ୍ଦିର, ପ୍ରାସାଦ ଗୁଡିକୁ ଇଣ୍ଡୋ-ଇସଲାମିକ୍ କଳାରେ ବୁନ୍ଦେଲା ଶାସକ ନିର୍ମାଣ କରିଥିଲେ ବୋଲି ପ୍ରସ୍ତରରେ ଲିପିବଦ୍ଧ ହୋଇଛି। ଓର୍ଚ୍ଛା ଠାରୁ ମାତ୍ର ୧୬ କିଲୋମିଟର ଦୂରରେ ଅବସ୍ଥିତ ଝାନ୍‌ସୀ ଦୁର୍ଗ ସେ ସମୟର ଏକ ଐତିହାସିକ ଗୌରବ ଯାହା ଦେଖିବାକୁ ପର୍ଯ୍ୟଟକ ମାନଙ୍କ ମନରେ ଥାଏ ଗଭୀର ଉତ୍ସାହ। ଯଦିଓ ଓର୍ଚ୍ଛାର ପରିବେଶ ଗ୍ରୀଷ୍ମ ଜଳବାୟୁ ପାଇଁ ଆରାମଦାୟକ କିନ୍ତୁ ଶୀତଋତୁରେ ଏହି ସ୍ଥାନ ଭ୍ରମଣର ମଜା କିଛି ନିଆରା। ତେଣୁ ଏହି ଶୀତ ସରିଆସୁଥିବା ଆଉ ଖରା ଆରମ୍ଭ ହୋଇ ଆସୁଥିବା ପାଗରେ ଆସନ୍ତୁ ବୁଲିଯିବା ଓର୍ଚ୍ଛା। ତେବେ ଏଠାକୁ ଗଲେ ଆପଣ ଆହୁରି ଅନେକ ଐତିହ୍ୟ ପାଖରୁ ଦେଖିବାର ସୁଯୋଗ ମଧ୍ୟ ପାଇବେ।

ଦେଖିବେ କ'ଣ- ଜାହାଙ୍ଗୀର ମହଲ: ଓର୍ଚ୍ଛାର ସବୁଠାରୁ ସୌନ୍ଦର୍ଯ୍ୟମୟ ସ୍ଥାନ ହେଲା ଜାହାଙ୍ଗୀର ମହଲ। ଏହି ମହଲକୁ ରାଜା ବୀରସିଂହ ଜୁଦିଓ ନିର୍ମାଣ କରିଥିଲେ ମହଲରେ ମୁଖ୍ୟ ଆକର୍ଷଣ ହେଲା ଦୁଇଟି ହସ୍ତୀ। ଏଠାରେ ଇସଲାମିକ୍ ସ୍ଥାପତ୍ୟ କଳାରେ ପ୍ରାୟ ସବୁ ଐତିହାସିକ କିର୍ତ୍ତିରାଜି ନିର୍ମାଣ କରାଯାଇଛି।

ରାଜା ପ୍ରବୀଣ ମହଲ: ଏହି ମହଲ ସପ୍ତଦଶ ଶତାବ୍ଦୀରେ ରାଜା ଇନ୍ଦ୍ରମଣିଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା। ରାଜା ଇନ୍ଦ୍ରମଣି ତାଙ୍କ ପ୍ରିୟ ବାଦ୍ୟକାର କବିରାଜ ପ୍ରବୀଣଙ୍କ ସ୍ମୃତିରେ ଏହି ମହଲ ନିର୍ମାଣ କରିଥିଲେ। ଉକ୍ତ ପ୍ରାସାଦଟି ଦୁଇ ମହଲା ବିଶିଷ୍ଟ। ରାଜା ପ୍ରବୀଣ ମହଲ ନିକଟରେ ଥିବା ଫ୍ଲାୱାର ଗାର୍ଡେନ୍ ଓ ଆନନ୍ଦ ମହଲ ମଧ୍ୟ ବେଶ୍ ଚିତ୍ତାକର୍ଷକ ଓ ଆମୋଦଦାୟକ।

ଚତୁର୍ଭୁଜ ମନ୍ଦିର: ରାଜା ମଧୁକର ୧୫୫୮ ମସିହାରୁ ୧୫୭୩ ମସିହା ମଧ୍ୟରେ ଏହି ମନ୍ଦିରକୁ ନିର୍ମାଣ କରିଥିଲେ। ପ୍ରଥମେ ଏହି ମନ୍ଦିରରେ ଶ୍ରୀରାମଚନ୍ଦ୍ରଙ୍କ ପ୍ରତିମା ପୂଜା ପାଉଥିଲା, କିନ୍ତୁ ପରେ ବିଷ୍ଣୁଙ୍କ ପ୍ରତିମା ପୂଜା ପାଇ ଆସୁଛି।

ରାମ ରାଜା ମନ୍ଦିର: ପ୍ରଭୁ ଶ୍ରୀରାମଙ୍କ ପ୍ରତିମାକୁ ରାଜା ମଧୁର ଶାହା ନିଜ ପତ୍ନୀଙ୍କ ସହ ଅଯୋଧ୍ୟାରୁ ଓର୍ଚ୍ଛାକୁ ଆଣିଥିଲେ। ଉଭୟ ରାଜାରାଣୀ କୃଷ୍ଣ ଭକ୍ତ ହୋଇଥିବାରୁ ସେହି ମନ୍ଦିରର ସ୍ଥାପତ୍ୟକୁ ନିଜ ସାଧନାର ସହ ପୂର୍ଣ୍ଣ କରିଥିଲେ। ଗତକାଲିର ଚାରୁ ଚିତ୍ରକଳା ଓ ସଂସ୍କୃତିର ନିଖୁଣ ସ୍ଥାପତ୍ୟକୁ ନେଇ ଆଜି ଭ୍ରମଣକାରୀଙ୍କ ପାଇଁ ମୁଖ୍ୟ ଐତିହାସିକ ଓ ପର୍ଯ୍ୟଟନସ୍ଥଳ ସାଜିପାରିଛି ଓର୍ଚ୍ଛା।

ଲକ୍ଷ୍ମୀନାରାୟଣ ମନ୍ଦିର: ଏଠାକାର ଲକ୍ଷ୍ମୀନାରାୟଣ ମନ୍ଦିର ଆକୃତି ଅତୀବ ମନମୁଗ୍ଧକର। ୧୬୨୨ ଖ୍ରୀଷ୍ଟାବ୍ଦରେ ରାଜା ବୀର ସିଂହଦେଓଙ୍କ ଦ୍ୱାରା ନିର୍ମିତ ଏହି ସ୍ଥାପତ୍ୟ ରାଜ୍ୟ ଓ ରାଜ୍ୟ ବାହାରେ ବେଶ ପ୍ରସିଦ୍ଧି ଲାଭ କରିଛି। ଏହାର ଆକୃତି ଏକ ଦୁର୍ଗ ସଦୃଶ। ଏଠାକୁ ଆସୁଥିବା ପ୍ରତ୍ୟେକ ପର୍ଯ୍ୟଟକ ଲକ୍ଷ୍ମୀନାରାୟଣଙ୍କ କୃପା ପାଇବାକୁ ଆଦୌ ଭୁଲନ୍ତି ନାହିଁ।

କିପରି ଯିବେ: ଯାତ୍ରୀ ମାନଙ୍କୁ ଆକାଶମାର୍ଗର ସୁବିଧା ସୁଯୋଗ ଦେବାପାଇଁ ଓର୍ଚ୍ଛାଠାରୁ ମାତ୍ର ୧୧୯ କିଲୋମିଟର ଦୂରରେ ରହିଛି ଗ୍ୱାଲିଅର ବିମାନବନ୍ଦର। ଏଠାରୁ ଦିଲ୍ଲୀ ଓ ଭୋପାଳକୁ ବରାବର ବିମାନ ଚଳାଚଳ ସୁବିଧା ରହିଛି। ମାତ୍ର ୧୬ କିଲୋମିଟର ଦୂରରେ ରହିଛି ଝାନ୍‌ସୀ ରେଳଷ୍ଟେସନ। ମୁଖ୍ୟ ରାସ୍ତାକୁ ଆସିବା ପାଇଁ ଯେଉଁଠି ଟ୍ୟାକ୍ସି ଓ ବସ୍‌ର ମଧ୍ୟ ସୁବିଧା ରହିଛି। ଝାନସୀ ଓ ମୁଦରାଇ ରୋଡରେ ଅବସ୍ଥିତ ଥିବା ଓର୍ଚ୍ଛା ସହର ମଧ୍ୟପ୍ରଦେଶ ସହ ସଂଯୁକ୍ତ ହୋଇଛି।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସକରାତ୍ମକ ମାନସିକତା..

ଅଲିମ୍ପିକସ୍- କ୍ରୀଡ଼ାର ମହାକୁମ୍ଭ ଭାବରେ ବିବେଚିତ ଏହି ପ୍ରତିଯୋଗିତା ସମ୍ପୃକ୍ତ କ୍ଷେତ୍ରରେ ସର୍ବୋଚ୍ଚ ସ୍ତରର ମର୍ଯ୍ୟାଦା ଲାଭ କରିଥିବା ବେଳେ ଜଣେ କ୍ରୀଡ଼ାବିତ୍ ପାଇଁ ଏଥିରେ ଭାଗ ନେବା ଓ ପଦକ ଅର୍ଜନ କରିବା ସର୍ବାଧିକ ଗୌରବର ବିଷୟ। କ୍ରୀଡ଼ା କ୍ଷେତ୍ର ବାଦ୍ ଏହାକୁ ମଧ୍ୟ ରାଜନୀତି ଓ କୂଟନୀତି କ୍ଷେତ୍ରରେ କୋମଳ- ଶକ୍ତି ମାଧ୍ୟମ ଭାବରେ ବିବେଚନା କରାଯାଇଥାଏ । ଆଉ ଏଥିପାଇଁ ଏହି ପ୍ରତିଯୋଗିତା ଆରମ୍ଭ ହେବା ଦିନଠାରୁ ଏହାର ଆୟୋଜନ କରିବାକୁ ସରକାରମାନେ ଏକ ବାଜି ଲଗାଇବା ଭାବରେ ଗ୍ରହଣ କରି ଆସିଛନ୍ତି, କାରଣ ଏହା କେବଳ କ୍ରୀଡ଼ା କ୍ଷେତ୍ରରେ ନୁହେଁ, ଅର୍ଥନୀତିକ ଏବଂ ସାମାଜିକ-ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ଗଭୀର ପ୍ରଭାବ ପକାଇ ଥାଏ। ନିକଟରେ ମୁମ୍ବାଇଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଅଲିମ୍ପିକ୍ କମିଟି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଭାରତରେ ବହୁ ଶୃଙ୍ଖଳାବିଶିଷ୍ଟ ଅଲିମ୍ପିକ୍ ଖେଳ ଆୟୋଜନ କରିବା ୧୪୦ କୋଟି ଭାରତୀୟଙ୍କର ଏକ ସ୍ୱପ୍ନ। ତେଣୁ ୨୦୩୬ ଅଲିମ୍ପିକ୍ ଭାରତରେ ଆୟୋଜନ କରିବା ନିମନ୍ତେ ସେ କମିଟି ବୈଠକରେ ଭାରତର ଆଗ୍ରହକୁ ପ୍ରକାଶ କରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଯେତେ ପ୍ରକାରର ପ୍ରତିଯୋଗିତା ରହିଛି, ଅଲିମ୍ପିକ୍ ସେସବୁ ମଧ୍ୟରେ ସର୍ବୋଚ୍ଚ ସ୍ତରର ପ୍ରତିଯୋଗିତା। କ୍ରୀଡ଼ା ପ୍ରତି ବିଶ୍ୱର ପ୍ରତିଯୋଗୀ ଏବଂ ଦର୍ଶକମାନଙ୍କୁ ଆକୃଷ୍ଟ କରିବା ଦୃଷ୍ଟିରୁ ଫୁଟବଲ୍ ବିଶ୍ୱକପ୍ ସହିତ ଏହା ହେଉଛି ସର୍ବବୃହତ୍ ଚତୁର୍ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା। ପୁଣି ଏହି ନଗର ବା ସହରର ଭିତ୍ତିଭୂମିର ଉନ୍ନୟନ କରିବାରେ ଯେତିକି ଅର୍ଥ ଖର୍ଚ୍ଚ ହେବ, ତାହା ଢେର୍ ଅଧିକ ପରିମାଣର ହେବା ସୁନିଶ୍ଚିତ । କୋଭିଡ୍ ମହାମାରୀ ଯୋଗୁଁ ଟୋକିଓ ଅଲିମ୍ପିକସ୍ ବର୍ଷକ ପାଇଁ ସ୍ଥଗିତ ରଖା ଯାଇଥିଲା ଆଉ ସେଥିପାଇଁ ଏହା ଦର୍ଶକମାନଙ୍କୁ ପ୍ରତିଯୋଗିତା ଦେଖିବା ନିମନ୍ତେ ପ୍ରବେଶ ଅନୁମତି ଦେଇ ପାରି ନଥିଲା । ଏଥିପାଇଁ ଖର୍ଚ୍ଚ ହୋଇଥଲା ୧୫.୪ ବିଲିଅନ୍ ଡଲାର। ତେବେ ଏହି ବିପୁଳ ପରିମାଣର ଅର୍ଥ ରାଶିର ଏକ କ୍ଷୁଦ୍ର ଅଂଶ ଥିଲା ସରକାରୀ ଅର୍ଥ । ଭାରତ ଯଦି ନୂଆଦିଲ୍ଲୀ ବା ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର)କୁ ଅଲିମ୍ପିକ୍ କ୍ରୀଡ଼ା ପ୍ରତିଯୋଗିତା ନିମନ୍ତେ ସ୍ଥାନ ଭାବରେ ବାଛେ, ତା'ହେଲେ ଏ ବାବଦରେ ବ୍ୟୟ ହେବାକୁ ଥିବା ସମସ୍ତ ଅର୍ଥ କେନ୍ଦ୍ର ସରକାର ବହନ କରିବେ । ଅଲିମ୍ପିକ୍ ଆୟୋଜନ କରିବାରେ ଅନେକ ପ୍ରକାରର ଲାଭ ରହିଛି- ସର୍ବାଧିକ ରହିଛି ପର୍ଯ୍ୟଟନ କ୍ଷେତ୍ରରେ। ଏଭଳି ଏକ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ବ୍ୟୟ- ଟୋକିଓ ୪୨ଟି ସ୍ଥାନରେ ୩୩ ପ୍ରକାର କ୍ରୀଡ଼ାର ପ୍ରତିଯୋଗିତା ଅନୁଷ୍ଠିତ କରାଇ ଥିଲା ଏବଂ ୩୩୯ଟି ପଦକର ବ୍ୟବସ୍ଥା କରିଥିଲା- ଅବଶ୍ୟ ଆକଳନ କରିବା ସହଜ ନୁହେଁ ଏବଂ ଏହା ଆନ୍ତର୍ଜାତିକ ଦୃଶ୍ୟପଟରେ ଏକ ଦେଶର ସାଂଗଠନିକ ଶକ୍ତିର ସୁଦୃଢ଼ ପରିଚୟ ପ୍ରଦାନ କରିଥାଏ। ଏଭଳି ଅବସ୍ଥାରେ ଭାରତ ବର୍ତ୍ତମାନ ଏହି ବିଶାଳ ପ୍ରତିଯୋଗିତା ଆୟୋଜନ କରିବା ନିମନ୍ତେ ପ୍ରସ୍ତୁତ ଥିବା ଅନୁଭବ କରିବା ଆପଣାଛାଏଁ ହିଁ ଜାତୀୟ ଆତ୍ମବିଶ୍ୱାସର ପ୍ରତୀକ। ଗୋଟିଏ ବାକ୍ୟରେ କହିଲେ, ଏହା ହେଉଛି ନୂଆ ଦୃଢ଼ ଆତ୍ମବିଶ୍ୱାସସମ୍ପନ୍ନ ଭାରତ, ଯାହା ନିଜର ମହତ୍ତ୍ୱାକାଂକ୍ଷାକୁ ହାସଲ କରିବା ନିମନ୍ତେ ପ୍ରସ୍ତୁତ କରି ସାରିଛି ବୋଲି ସ୍ୱୀକାର କରିବାକୁ ହେବ । କେବଳ ସମୟ ହିଁ କହି ପାରିବ, ଯଦି ଏହାକୁ ସୁଯୋଗ ମିଳେ, ତା'ହେଲେ ଏ ବାବଦରେ ବର୍ତ୍ତମାନର ସମୟ ହିସାବରେ ବ୍ୟୟ ହେବାକୁ ଥିବା ହାରାହାରି ୨୦ ବିଲିଅନ୍ ଡଲାର ବା ୧.୬୬ ଲକ୍ଷ କୋଟି ଟଙ୍କା ଠିକ୍ ଭାବରେ ଆୟୋଜନ କରାଯାଇ ଖର୍ଚ୍ଚ କରାଯାଇ ପାରିବ, ଯଦିଓ ଭାରତକୁ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବରେ ବିବେଚନା କରାଯିବା ପରିପ୍ରେକ୍ଷୀରେ ଉପରୋକ୍ତ ପରିମାଣର ବ୍ୟୟକୁ ଏକ ପ୍ରଭୂତ ପରିମାଣ ବୋଲି କୁହାଯାଇ ପାରିବ ନାହିଁ । ତେବେ ମୁଦ୍ରାର ଅପର ପାର୍ଶ୍ୱକୁ ଦେଖିଲେ ୨୦୧୦ରେ କମନ୍ ଲଥ୍ ଗେମସ୍‌ର ଆୟୋଜନ କରିବା ଭିତ୍ତିଭୂମି ପ୍ରସ୍ତୁତିରେ ଦୁର୍ନୀତିଠାରୁ ଆରମ୍ଭ କରି ଭାରତୀୟମାନଙ୍କର ଜୀବନଶୈଳୀକୁ ପ୍ରଦର୍ଶିତ କରି ସାରିଛି, ଯାହା ଏତେ ନିମ୍ନ ମାନର ଥିଲା ଯେ ଆଜି ପର୍ଯ୍ୟନ୍ତ ମଧ୍ୟ ଏହାର ସମାଲୋଚନା କରାଯାଉଛି। ପୁନଶ୍ଚ, ସଡ଼କଗୁଡ଼ିକରେ ଭିଡ଼କୁ, ଏମିତିକି ନିଷିଦ୍ଧାଞ୍ଚଳଗୁଡ଼ିକରେ ମଧ୍ୟ, ଅନ୍ୟ ଏକ ବିପରି ଭାବରେ ବିବେଚନା କରାଯିବା ଆବଶ୍ୟକ। ଉଦାହରଣ ସ୍ୱରୂପ, ଜି୨୦ ସମ୍ମିଳନୀ ଅନୁଷ୍ଠିତ କରିବା ନିମନ୍ତେ ଭାରତକୁ ରାଜଧାନୀ ନଗରୀର ପ୍ରାୟ ଅଧା ଅଞ୍ଚଳକୁ ନିହାତି କମ୍‌ରେ ତିନି ଦିନ ପାଇଁ ବନ୍ଦ କରିବାକୁ ପଡ଼ିଥିଲା । ତେବେ ଭାରତ ଥରେ ଉପରୋକ୍ତ ବଡ଼ ଧରଣର କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କଲେ ଅବାଧ ଭିସା ନୀତି ଏବଂ ବିଦେଶୀ ନାଗରିକମାନଙ୍କୁ ସ୍ୱଚ୍ଛନ୍ଦରେ ଭ୍ରମଣ କରିବାକୁ ଅନୁମତି ଦେବାକୁ ପଡ଼ିବ, ଯାହା କ୍ରିକେଟ୍ ବିଶ୍ୱକପ୍ ପାକିସ୍ତାନର ନାଗରିକମାନଙ୍କ କ୍ଷେତ୍ରରେ ହୋଇନାହିଁ । ତେବେ ଏସବୁ ପରେ ମଧ୍ୟ ଏହା ଦୃଢ଼ତାର ସହିତ କହିହେବ ଯେ ଆଜିଠୁ ବାର ବର୍ଷ ପରେ ହେଲେ ସୁଦ୍ଧା ଏକ ବଡ଼ ଧରଣର କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାର ଭାରତ ପ୍ରସ୍ତାବ ଦେବା ଏହାର ସକାରାତ୍ମକ ଜାତୀୟ ମାନସିକତାର ପ୍ରତିଫଳନ।

ଗଣ ଆବର୍ତ୍ତନୀରେ ଗଣପତି

ଅଜୟ କୁମାର ବେହେରା

ସ୍ୱର୍ଗ ସନ୍ନିଧାନରେ ଶାନ୍ତ ସହାବସ୍ଥାନ ସମସ୍ତଙ୍କର ଅଛି, ପ୍ରତ୍ୟେକ ପ୍ରତ୍ୟେକ ଦାୟିତ୍ୱ ନିର୍ବାହରେ ଲିପ୍ତ ମୁଖ୍ୟ ଦେବତାମାନେ ଶକ୍ତିର କେନ୍ଦ୍ର ଉତ୍ସ। ଏହି ଶକ୍ତି କେନ୍ଦ୍ରକୁ ଅନେକ ଗୌଣ ଶକ୍ତି ସର୍ବଦା ଘେରି ମୁଖ୍ୟଙ୍କର ଆଦେଶ ମାତ୍ରେ ହାସଲ ପାଇଁ ଚେଷ୍ଟାରତ। ଶକ୍ତି ମାନଙ୍କର ଗଣ ଅଛନ୍ତି। ଯଥା ଇନ୍ଦ୍ରଙ୍କର ଗଣ ବ୍ରହ୍ମାଙ୍କର ଗଣ, ବିଷ୍ଣୁଙ୍କର ଗଣ, ଶିବଙ୍କର ଗଣ, ଶିବପୁତ୍ର କାର୍ତ୍ତିକଙ୍କର ଗଣ, ଗଣେଶଙ୍କର ଗଣ, ଦେବୀ ଦୁର୍ଗାଙ୍କର ଗଣ ପରି ବରୁଣ, କୁବେର, ଯମ ପରି ଦିଗପାଳଙ୍କର ଗଣ ମାନ ଅଛନ୍ତି। ତେବେ ସବୁ ଶକ୍ତିଙ୍କର ଗଣନାମ ଭିନ୍ନ ଭିନ୍ନ। ଶିବଙ୍କର ଗଣ, ଭୈରବ ଗଣ ଅଛନ୍ତି। ଦେବୀ ଶକ୍ତିଙ୍କର ଅନେକ ମହାଶକ୍ତି, ଉପଶକ୍ତି ଅଛନ୍ତି ଏହି ଶକ୍ତି ମାନଙ୍କର ଯୋଗିନୀ କାତ୍ୟାୟନ, ଭୈରବୀ ଶକ୍ତି ଅଛନ୍ତି।

ବିଷ୍ଣୁଙ୍କର ଗଣରେ ତାଙ୍କର ଦ୍ୱାରପାଳ ଜୟବିଜୟ ଗଣରେ ଆସନ୍ତି। ବିଷ୍ଣୁଙ୍କର ଆୟୁଧ ଯାହା ଏମାନଙ୍କର ଆୟୁଧ ସେୟା, ଶିବଗଣରେ ନନ୍ଦୀଭୃଙ୍ଗୀ ଅଛନ୍ତି। ଭୈରବ ଶକ୍ତି ଦିଗ କୋଣ ମାନଙ୍କରେ ଜାଗ୍ରତ ଅଛନ୍ତି। ଏକ ଭୈରବ ସତୀ ଯେ ଶିବଙ୍କର ପତ୍ନୀ ତାଙ୍କ ସହିତ ସତୀଙ୍କ ପିତା ଦକ୍ଷ ରାଜଙ୍କ ଶିବହୀନ ଯଜ୍ଞକୁ ଶିବଙ୍କୁ ଏହି ଯଜ୍ଞକୁ ଅର୍ଚ୍ଚନା କରାଯାଇ ନଥିବାରୁ କୈଫୟତ ତଲବରେ ଶିବଙ୍କ ଅନୁମତିରେ ଗଲାବେଳେ ତାଙ୍କ ସହିତ ଶିବଙ୍କର ଏକ ଭୈରବ ବୀରଭଦ୍ର ଯାଇଥିଲେ ସତୀଙ୍କର ଅଭିଯୋଗ ତାଙ୍କ ପିତା ଶୁଣି ଓଲଟି ଭର୍ତ୍ସନା ଧିକାର ଶିବଙ୍କୁ କରିବାରୁ ସତୀ ସ୍ୱାମୀଙ୍କର ଅପମାନ ସହ୍ୟନକରି ଯଜ୍ଞର ଲେଲିହାନ ନିଆଁକୁ ଡେଇଁ ପଡ଼ିଲେ। ତାପରେ ସେ ସ୍ଥାନରେ ଆସିଲା ଭୈରବ କୋପ ଯଜ୍ଞସ୍ଥଳ ନଷ୍ଟଭ୍ରଷ୍ଟ ନାନାଦି କାଣ୍ଡ। ତାପରେ ଶିବ ଆହୁତ ହେଲ ରୁଦ୍ରଲେପରେ ତାଙ୍କର ଶ୍ୱଶୁର ଦକ୍ଷ ପଡ଼ିଲେ ତାଙ୍କର ମୁଣ୍ଡ ରୁଦ୍ରଶୂକରେ କଟିଲା ଏହାପରେ ପରିବେଶ ଶାନ୍ତି ହେଲା ହେଲେ ଦକ୍ଷଙ୍କର ଛାଗ ମୁଣ୍ଡ ଲାଗିଲା। ସତୀଙ୍କ ଦଗ୍ଧୀଭୂତ ଶରୀରକୁ ରୁଦ୍ର ତାଣ୍ଡବ ନର୍ତ୍ତନ କରିଥିଲେ। ଏ ସମୟ ଥିଲା ନାନାଦି ଆତଙ୍କ ପ୍ରଳୟାତ୍ମକ ସ୍ଥିତି। ଏଥିରୁ ବିଷ୍ଣୁ ମୋହ କଟିବା ପାଇଁ ସତୀଙ୍କର ପୋଡ଼ା ଶରୀରକୁ ଖଣ୍ଡେ ଖଣ୍ଡେ କରି ସୁଦର୍ଶନଚକ୍ରରେ କାଟି ଭାରତ ଭୂମିରେ ବିଭିନ୍ନ ସ୍ଥାନକୁ ବିଚ୍ଛୁରିତ କରିଥିଲେ। ଏପରି ଶବଧାର ଅବଶେଷ ପରେ ଶିବ ମୋହ ଭଙ୍ଗ କିଛି ଅଂଶରେ ହୋଇଥିଲେ। ସ୍ୱଶାଶୁଙ୍କର ବନ୍ଦନାରେ ଶିବ ଶାନ୍ତ ଆଡ଼କୁ ଆସି ସ୍ୱ ଶ୍ୱଶୁରଙ୍କ ଛାଗ ମୁଣ୍ଡ ସଂସ୍ଥାପନରେ ଜୀବନ୍ୟାସ କରି ଜୀବନ ଦାନ କରିଥିଲେ। ତାପରେ ସତୀଙ୍କର ପୁର୍ନଜନ୍ମ ପାର୍ବତୀଙ୍କର ରୂପରେ ହେଲା। ହରପାର୍ବତୀ ବିବାହ କିଛି ବର୍ଷ ପରେ ହେଲା ତପରତ ଶିବଙ୍କର ପତ୍ନୀ ନଥାଇ ଏକ ପଟିଆ ସାଧନାର ସଫଳ ଦିଗମାଳି, ଆଗମ ନିଗମ ଶାସ୍ତ୍ର ଏ ଦମ୍ପତିଙ୍କର କଥୋପକଥନରୁ ଆସିଲା ଏଇ ଦୁଇଜଣଙ୍କ ଠାରୁ ଗଣେଶ, କାର୍ତ୍ତିକ ଜନ୍ମ ନେଲେ।

ଗଣେଶ ଅର୍ଥ ଗଣଙ୍କର ଈଶ। ଏହି ଗଣ ଆବୃତ୍ତ ଗଣେଶ ମୁଖ୍ୟ ଦେବତା। ଗଣେଶଙ୍କର ଗଣ ମଧ୍ୟରେ ବିଘ୍ନଗଣ ପ୍ରଧାନ। ଯେତେ ପ୍ରକାର ବିଘ୍ନ ସଂସାରରେ ଅଛି ଏ ସବୁର ସେ ଗଣପତି। ବିଘ୍ନ ରାଜ୍ୟରେ ଗଣେଶ ରାଜା ବିଘ୍ନମାନେ ତାଙ୍କର ପ୍ରଜା। କୌଣସି କାର୍ଯ୍ୟରେ ବିଘ୍ନବାଧା ନ ରହିବା ପାଇଁ ଗଣେଶଙ୍କୁ ଏ ପାଇଁ ଆରାଧନା କରାଯାଏ। ତେବେ କେଉଁ ରାଜା ତାଙ୍କ ପ୍ରଜାଙ୍କୁ ମାରି କୌଣସି କାର୍ଯ୍ୟ ଅନ୍ୟ ପାଇଁ କରେକି? କେବେ ସମ୍ଭବ ନୁହଁ। ଅତଏବ ଜ୍ଞାନୀ ମାନଙ୍କର ମଧ୍ୟରେ ଅଗ୍ରଗଣ୍ୟ ଗଣେଶ ଗଣମାନଙ୍କୁ ଦେଇଥିବା ସ୍ଥିର ଆଦେଶରେ ଥିବା ଫାଙ୍କା କନ୍ଦି ଖୋଜି ତାଙ୍କୁ ଆରଧନାକାରୀର କାର୍ଯ୍ୟ ହାସଲ ଖସିରେ ରହିଲେ କରିପାରନ୍ତି। ନିଜ କାନୁନ ସ୍ରଷ୍ଟା କେବେ କାନୁନ ଭଙ୍ଗ କରିନାହାନ୍ତି। ମାତ୍ର ପ୍ରତି କାନୁନରେ ଫାଙ୍କ ଥାଏ ସେ ବଳରେ ବ୍ୟକ୍ତି ଖସି ଯାଏ ଏକଥା ଏଇ ଗଣେଶଙ୍କୁ ଜଣା।

ମନୁଷ୍ୟମାନେ ସ୍ୱାର୍ଥପର ସ୍ୱାର୍ଥ ବ୍ୟକ୍ତିଗତ ସିଦ୍ଧି ପାଇଁ ସମସ୍ତେ ଗଣପତି ପୂଜାରେ ଡାକନ୍ତି ମାତ୍ର ଗଣେଶ ଶେଷ। ବିଚାରକ ତ୍ୱରିତ ବରରେ ସେମିତି ଅଙ୍କୁଶ ଲଗାଇ ପରେ ବରଗ୍ରହୀତା ପୁନଃ ବିଘ୍ନର ସମ୍ମୁଖୀନ ହୁଅନ୍ତି। ଉଦାହରଣ ସ୍ୱରୂପ ଜଣେ ବିବହ କରିପାରୁନାହିଁ ବିଘ୍ନରାଜଙ୍କ ଉପାସନା ସେ କଣ ସେ ବିବାହ ହୋଇପାରିଲା ମାତ୍ର ଦାମ୍ପତ୍ୟ କଳି ସନ୍ତାନ ଭରାଦରେ ବାଧା, ଦମ୍ପତୀଙ୍କର କାହାକୁ ରୋଗ ହେବା, ଦୁର୍ଘଟଣା ଘଟିଲା, ଏମିତି ପରେ ପରେ ଆସିପାରେ। ଏ ପାଇଁ ଏସବୁ ଛୋଟ ସିଦ୍ଧିରେ ଗଣେଶଙ୍କୁ ଜଡ଼ିତ ନକରି ବଡ଼ ସିଦ୍ଧିରେ ଜଡ଼ିତ କଲେ ଉତ୍ତମ ଯହିଁରେ ଅଙ୍କୁଶଧାରୀସାଧକର ପଥ ନିରଙ୍କୁଶ କରିପାରନ୍ତି। କଣ ସିଦ୍ଧି କଲେ ସବୁ ପ୍ରାପ୍ତି ପରେ ପରେ ମିଳିବ ଓ ଶାନ୍ତି ମିଳିବା ଏଇ ସିଦ୍ଧିରେ ମନ ଦେଲେ ଏଥିରେ ଥିବା ବଡ଼ ବଡ଼ ବିଘ୍ନ ଏଇ ବିଘ୍ନରାଜ ସନ୍ତୋଷ ହେଲେ ଶେଷ ହୁଏ। ଉଚ୍ଚଶିକ୍ଷିତ ଏକ ଜାଜ୍ୱଲ୍ୟମାନ ପ୍ରଦୀପ। ଏ ପ୍ରଦୀପରୁ ଲକ୍ଷ ଲକ୍ଷ ପ୍ରଦୀପ ଲଗାଗଲେ ବି ମୂଳ ପ୍ରଦୀପ ସ୍ଥାକ ହୁଏନାହିଁ। ମୂଳ ପ୍ରଦୀପକୁ ସମସ୍ତେ ଉଭସା କରନ୍ତି। ଗଣେଶ କାଠିଏ ସଂଖ୍ୟାରେ ପାଠ ପଢ଼ିଛନ୍ତି। ଯାହା ଏକରେ ବାଇଶଟି ଶୂନ୍ୟ ଦେଲେ ସେ ସଂଖ୍ୟାହୁଏ। ଯଦି ଏହି ସଂଖ୍ୟାର ଶବ୍ଦ କେହି ମନେରଖେ ସେ କେତେ ଜ୍ଞାନୀ ହେବ ପ୍ରତ୍ୟେକ ହୃଦୟଙ୍ଗମ କରିବା କଥା। ଏମିତି ବିଦ୍ୟାନାହିଁ ଯହିଁରେ ଗେଣଶଙ୍କ ସିଦ୍ଧି ନାହିଁ। ଅତଏବ ଶ୍ରୀଗଣେଶଙ୍କୁ ଆରାଧନା ଠିକ ଭାବରେ କଲେ ଏକ କଣ ଅନେକ ବିଦ୍ୟା ସିଦ୍ଧି ହୋଇପାରେ ଚୌର୍ଯ୍ୟା ବିଦ୍ୟାଙ୍କ ଗଣେଶଙ୍କର ଆୟତ ଖୋଦ ତାଙ୍କ ବାହନ ମୂଷା ବଡ଼ ଚୋର ସେ ତାକୁ ବାହନ କରିଛନ୍ତି। ସେ ବାହାନ ବି ଏକ ଗଣ। ଚୌର୍ଯ୍ୟ ବିବାହର ଅନୁସଙ୍ଗତି ଅନେକ ବିଦ୍ୟା ଅଛି। ଏଥିରେ ମନରଖିବା ବ୍ୟକ୍ତିମାନେ ବିଦ୍ୟାସିଦ୍ଧି କରିପାରନ୍ତି ମାତ୍ର ଆଶ୍ଚର୍ଯ୍ୟ ମୂଷିକ ଗର୍ତ୍ତରେ ଲୁଟିବା ପରି ତାଙ୍କୁ ସାମାଜିକ ଜୀବନରେ ଏକ ନିନ୍ଦନୀୟ ସ୍ତରରେ ପରେ ରହିବାକୁ ପଡ଼େ। ପୋଲିସ ଭୟ ଆସେ ସେ ପାଇଁ ଲୁଟିବା ସ୍ତର ସେମାନେ ଖୋଜିଥାନ୍ତି। ଏ ସିଦ୍ଧିର ଶୁଭଦିଗ ସାର୍ବଜନୀନ ନୁହଁ ହେଲେ ବି ଚୋର ଡାକୁ ମଦ୍ୟପ ଠକ ଏମାନେ ଗଣେଶ ପୂଜାରେ ମନ ଦିଅନ୍ତି। ଏମାନେ ଫଳ ପାଆନ୍ତି ତା ସହିତ ବିଭିନ୍ନ ବିଘ୍ନ ତାଙ୍କର ପିଛା କରୁଥାଏ। ତିଥିମାନେ ୧୫ ୨ = ୩୦ ଏ ମଧ୍ୟରେ ମାତ୍ର ୧୫ର ବର୍ଗୀକରଣ ଅଛି। ନନ୍ଦା, ଭଦ୍ରା, ଜୟା, ରିକ୍ତା, ପୂର୍ଣ୍ଣା, ରିକ୍ତାରେ ୪ର୍ଥୀ, ୯ମୀ, ୧୪ଶୀ ଆସନ୍ତି। ଏଥିରୁ ୪ର୍ଥୀ ଗଣେଶଙ୍କୁ ଭକ୍ତିରେ ମନାଇ ତାର ତିଥିରେ ତାଙ୍କର ଜନ୍ମଦିନ ପାଳନ ପାଇଁ ବରପ୍ରାପ୍ତ। ୧୨ମାସରେ ୨୪ଟି ୪ର୍ଥୀ ବିନାୟକ, ଚତୁର୍ଥୀ ଓ ଭାଦ୍ର ଶୁକ୍ଳ ୪ର୍ଥୀ ହିଁ ଗଣେଶ ଚତୁର୍ଥୀର ମୁଖ୍ୟ ମାନ୍ୟତାରେ ଆସେ। ରିକ୍ତା ଅର୍ଥ ନିନ୍ଦନୀୟ ଏକ ତିଥି ଏଥିରେ କୌଣସି କର୍ମ କରାଯାଏ ନାହିଁ। କିନ୍ତୁ ଶ୍ରୀଗଣେଶପୂଜା ଏ ତିଥିରେ ପାଳନ ହୁଏ। ୪ର୍ଥୀର ୧ମ କରଣ ବାଣିଜ୍ୟ କରଣ, ୨ୟ କରଣ ବିଷ୍ଟି କରଣ, ବିଷ୍ଟିକରିଣ ବି ନିନ୍ଦନୀୟ ହେଲେ ୪ର୍ଥୀ ବିଷ୍ଟି କରଣ ଶ୍ରୀଗେଣଶ ପୂଜା ସମ୍ବନ୍ଧ ହେତୁ ଲୋକରେ ଏଇ ଅଗ୍ରଗଣ୍ୟ ଦେବତା ପୂଜା ସର୍ବ ମାନ୍ୟରେ ଅଛି। ୧ତିଥି-୨ୟକରଣରେ ଆସେ। ୧ମ କରଣ ଦିବାକାଳର ୨ୟ କରଣ ରାତ୍ରୀକାଳରେ ଭୋଗ ହୁଏ। ଗଣେଶ ଚତୁର୍ଥୀର ରାତ୍ରୀରେ ଚନ୍ଦ୍ର ଦର୍ଶନ ମନା କାରଣ ଚୌର ଅଭିଯୋଗ ଏ ଦିନ ରାତ୍ରୀରେ ଚନ୍ଦ୍ର ଦର୍ଶନକାରୀକୁ ଲାଗେ। ଏମିତିକି ଶ୍ରୀକୃଷ୍ଣଙ୍କୁ ଏ ଦୋଷ ଲାଗିଥିଲା। ଭାଦ୍ରବ ମାସରେ ବିଷ୍ଟି ପାତଳରେ ବାସ କରନ୍ତି ଓ ତାର ନାମ ହଂସୀଭଦ୍ରା ବିଷ୍ଟି ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ ବାସ କମରିଥାନ୍ତି। ମର୍ତ୍ତ୍ୟମାନେ ମୃତ୍ୟୁଲୋକ, ଅର୍ଥ ପୃଥିବୀ ଏହି ପୃଥିଭଦ୍ରା ବିଶେଷ କରି ପୃଥିର କୌଣସି କାର୍ଯ୍ୟ ବାଧା ପ୍ରଦାନ କରି ପାତାଳ ଭଦ୍ରା ସର୍ପଲୋକର କ୍ଷତିକର, ଗଣେଶ ଚତୁର୍ଥୀରେ ଶୁଭକାର୍ଯ୍ୟ ମନା, ମାତ୍ର ବାଣିଜ୍ୟ କରଣ ସମ୍ବନ୍ଧ ସମୟରେ ବାଣିଜ୍ୟାଦି ଆରମ୍ଭ କରାଯାଏ। ଅନେକ ସ୍ୱ ମୁଖ୍ୟଦ୍ୱାରରେ ଗଣେଶଙ୍କ ପ୍ରତିକୃତି ଲଗାନ୍ତି। ଏହି ବ୍ୟକ୍ତିମାନେ ଗଣେଶଙ୍କର ସ୍ଥିତି ବୁଝି ନାହାଁନ୍ତି। ମାତା ପାର୍ବତୀ ଅନ୍ନପୂର୍ଣ୍ଣାଙ୍କ ବାସଗୃହ ବାହାର ପଟରେ ଏଇ ଗଣେଶ ଦ୍ୱାର ଜଗିଥାନ୍ତି। ଏଥିରୁ ଶିକ୍ଷା ଗୃହରେ ଥିବା ପାର୍ବତୀ ଅନ୍ନପୂର୍ଣ୍ଣା ଅନ୍ନଦାନ କାରିଣୀଶକ୍ତି ଦ୍ୱାର ଦେଶରେ ଭିକ୍ଷାଂଦେହୀ ତାଙ୍କର ମାତ୍ର ଅନ୍ନ ସେହି ବ୍ୟକ୍ତିକୁ ଭିକ୍ଷା ଦିଅନ୍ତି।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

ଓଡ଼ିଶା ରାଜନୀତିରେ ନବୀନ ବାବୁ

ବାଦଲ ଭୂୟାଁ

ନବୀନ ପଟ୍ଟନାୟକ ଯାହାଙ୍କ ଚାରିପାଖେ ଓଡ଼ିଶା ରାଜନୀତି ଗତ ଅଢ଼େଇ ଦଶନ୍ଧି ହେବ ଘୁରି ବୁଲୁଛି। ୨୬ ବର୍ଷର ଲମ୍ବା ରାଜନୈତିକ ଯାତ୍ରା ଭିତରେ ତାଙ୍କ ବିରୋଧୀ ବଦଳିଛନ୍ତି। ତାଙ୍କ ବିରୋଧୀ, ଅନଗତ, ସହକର୍ମୀଙ୍କ ଥାଟବାଟ ବଦଳିଛି। କିନ୍ତୁ ନବୀନ ଯେମିତି ସେମିତି। ସେଇ ଧଳା କୁର୍ତ୍ତା, ଆଉ ପାଇଜାମା। ପାଦରେ କୋହ୍ଲାପୁରୀ ଚପଲ। ଅତି ବେଶିରେ ଦେହରେ ସାଲଟିଏ। ବାସ ସେତିକି। ଭାରତର ଦ୍ୱିତୀୟ ସର୍ବାଧିକକାଳୀନ ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟର ଅଧିକାରୀ। ତଥାପି କାଣିଚାଏ ବଦଳି ନାହାନ୍ତି ନବୀନ। କାଲି ଯେମିତି ଆଜି ବି ସେମିତି। ଯେତେ ବଡ଼ ସମାରୋହ ହେଉ ନବୀନ ସବୁବେଳେ ଧଳା କୁର୍ତ୍ତା, ପାଇଜାମାରେ ଯୋଗ ଦିଅନ୍ତି। ଦିଲ୍ଲୀ ପାଓ୍ୱାର କରିଡର ହେଉ କି ଦେଶର କୌଣସି ସମ୍ମାନଜନକ ମଞ୍ଚ, ନବୀନଙ୍କ ବେଶଭୂଷା ସମାନ। ଆଜି ଯାଏଁ ଓଡ଼ିଶାବାସୀ ତାଙ୍କୁ କେବେ ବି ବ୍ଲେଜର, ସୁଟ, ଜୋତା ପିନ୍ଧିବାର ଦେଖି ନାହାନ୍ତି। ଅତି ସରଳ ବ୍ୟକ୍ତିତ୍ୱ। ଖାଲି ପୋଷାକ ନୁହେଁ, ଗାଡ଼ିଘୋଡ଼ା ପଡିଆରାରେ ସେ ବିଶ୍ୱାସ କରନ୍ତିନି। ବୋଧହୁଏ ସବୁଠୁ ଛୋଟ ଗାଡ଼ି ବ୍ୟବହାର କରୁଥିବା ମୁଖ୍ୟମନ୍ତ୍ରୀ ହେଉଛନ୍ତି ନବୀନ। ଅନ୍ୟ ରାଜନେତାଙ୍କ ଭଳି ବିଶାଳ ଅଟ୍ଟାଳିକା ନାହିଁ। କାଲି ନବୀନ ନିବାସ ଯେମିତି ଥିଲା ଆଜି ମଧ୍ୟ ସେମିତି। ସୌଖିନୀ ଜ

ଶିଶୁଙ୍କ ପାଇଁ ଟିକା ଓ ଏହାର ଉପକାରିତା

ପ୍ରତିଷେଧକ ରୋଗର ଚିକିତ୍ସା ଅପେକ୍ଷା ଭଲ । ଆଜିକାଲି ବିଭିନ୍ନ ରୋଗର ପ୍ରତିଷେଧକ ଟିକା ଉଦ୍ଭାବନ ହେଲାଣି ଓ ବହୁ ରୋଗର ପ୍ରତିଷେଧକ ଟିକା ଉଦ୍ଭାବନ ଉପରେ ନିରନ୍ତର ଗବେଷଣା ଚାଲୁ ରହିଛି । ପ୍ରତିଷେଧକ ବ୍ୟବସ୍ଥା ରୋଗ ମୂଳୋତ୍ପାଟନରେ ସାହାଯ୍ୟ କରେ- ଶିଶୁମାନଙ୍କ ଚିରାଚରିତ ଟିକା ଯଥା- ପୋଲିଓବୁନ୍ଦା, ବିସିଜି, ଡ଼ିପିଟି, ମିଳିମିଳା- ମମ୍ପସ୍‌ରୁବେଲା, ହେପାଟାଇଟିସ-ବି, ରାବିସ ଭାକ୍‌ସିନ, ଟିଟାନସ୍ ଟକ୍ସଏଡ଼, ଡ଼ିପ୍‌ଥେରିଆ-ଟିଟାନସ୍ ଟିକା, ରୁବେଲା ଟିକା ଛଡ଼ା ଅନେକ ନୂତନ ଟିକା ବାହାରିଲାଣି ଓ କେତେଗୁଡ଼ିଏ ପରୀକ୍ଷା ଅପେକ୍ଷାରେ ରହିଛି ।

ନୂଆ ଟିକାଗୁଡ଼ିକ ହେଲା: ହିମୋଫାଇଲସ୍ ଟାଇପ ବି: ଏହା ଏକ ଜୀବାଣୁଜନିତ ରୋଗ ଯଥା କାନପାଚିବା, ନିମୋନିଆ, ମସ୍ତିଷ୍କ ମେନିନ୍‌ଜାଇଟସ ଯାହା ଏହି ଜୀବାଣୁ ଦ୍ୱାରା ସାଧାରଣତଃ ହୋଇଥାଏ ତାକୁ ପ୍ରତିରୋଧ କରିଥାଏ । ଏହାର ତିନି ମାତ୍ରା ଇଞ୍ଜେକ୍ସନ ୧ ମାସ ବା ୨ ମାସ ବ୍ୟବଧାନରେ ଅଲଗା ବା ଅନ୍ୟ ଟିକା ସାଙ୍ଗରେ ଯଥା ଡ଼ିପିଟି ଯୁକ୍ତ ହେପାଟାଇଟିସ୍-ସି ସାଙ୍ଗରେ ମିଶାଇ ନେଇ ହେବ । ଏହି ଟିକା ଦେଢ଼ମାସ ବୟସରୁ ଆରମ୍ଭ ହେବ ।

ହେପାଟାଇଟିସ 'ଏ'- ଏହା ଏକ ଭୂତାଣୁଜନିତ ଯକୃତର ଜଣ୍ଡିସ ସୃଷ୍ଟିକାରୀ ରୋଗ ବର୍ଷାଦିନେ ବହୁଳ ଭାବରେ ଦୂଷିତ ପାଣି ଦ୍ୱାରା ବ୍ୟାପେ । ଏହା ଜଣକୁ ହେଲେ ସହଜରେ ସଂକ୍ରାମକ ରୂପ ଧାରଣ କରେ । ରୋଗୀ ଶରୀର ଆଖି, ପରିସ୍ରା ହଳଦିଆ ଦିଶିବା ସହ, ବାନ୍ତି ଓ କାଶ, ପେଟବ୍ୟଥା ଏବଂ ଭୋକ ମରିଯାଏ । ଦେଢ଼ମାସ ଶର୍ଯ୍ୟାଶାୟୀ ରହିବାକୁ ପଡ଼େ । ଏହାର ଟିକା ୧ ବର୍ଷ ବୟସ ପରେ ନେଇହୁଏ । ୨ ମାତ୍ରା ଇଞ୍ଜେକ୍ସନ ୬ ମାସରୁ ୧ ବର୍ଷ ବ୍ୟବଧାନରେ ଦିଆହୁଏ ।

ଚିକେନ ପକ୍ସ: ଏହା ଶୀତ ଋତୁରେ ଅଧିକ ହୁଏ । ବଡ଼ ବଡ଼ ଶିଶିର ଟୋପା ଭଳି ଫୋଟକା ବାହାରି ଅତ୍ୟଧିକ ଜ୍ୱର ହୁଏ- ବୟସ୍କ ଲୋକମାନଙ୍କୁ ଏହା ଅଧିକ ତୀବ୍ରତର ହୋଇଥାଏ, ପାଟିରେ ଘା' ହୋଇ, ଭୋକ ମରିଯାଏ, ଶରୀର ପୀଡ଼ା ହୁଏ, କାଶ ହୁଏ, ଅଳ୍ପ କେତେକ କ୍ଷେତ୍ରରେ ଘା' ଗୁଡ଼ିକ ପାଚିଯାଏ ଓ ମସ୍ତିଷ୍କକୁ ସଂକ୍ରମଣ କରିବାର ଆଶଙ୍କା ଥାଏ । ପିଲାମାନଙ୍କର ପରୀକ୍ଷା ସମୟରେ ଏହା ହେଉଥିବାରୁ ସେମାନେ ପରୀକ୍ଷାରୁ ବି ବଂଚିତ ହୁଅନ୍ତି । ଏକ ମାସ ପର୍ଯ୍ୟନ୍ତ ସ୍କୁଲରୁ ଅନୁପସ୍ଥିତ ରହିବାକୁ ପଡ଼ିଥାଏ । ଏହାର ଟିକା ୧ ବର୍ଷ ବା ୨ ବର୍ଷ ବୟସ ପରେ ଦେଇହେବ ।

ଟାଇଫଏଡ଼ ଟିକା : ଏହି ଟିକା ଯଦିଓ ପୁରୁଣା ସେଗୁଡ଼ିକ ଅଧିକ ଜ୍ୱର କରୁଥିବାର ଏବେ ନୂତନ ଶୈଳୀରେ କମ ସାଇଡ୍ ଇଫେକ୍ଟ ଥିବା ଟିକା ବାହାରିଛି, ଏହାକୁ ନେଲେ ତିନିରୁ ପାଂଚ ବର୍ଷ ପର୍ଯ୍ୟନ୍ତ ପ୍ରୋଟେକ୍ସନ ମିଳିଥାଏ । ଆମ ରାଜ୍ୟରେ ଟାଇଫଏଡ଼ ଏକ ଅଧିକ ଦିନ ଜ୍ୱର, ଝାଡ଼ା, କାଶର ମୁଖ୍ୟକାରଣ । ବାହାରେ ଖାଇବା ଦ୍ୱାରା ଏହା ହୋଇଥାଏ । ଏହାର ଟିକା ଦୁଇବର୍ଷ ପରେ ଇଞ୍ଜେକ୍ସନର ଗୋଟିଏ ମାତ୍ର ଦିଆଯାଏ- ୬ ବର୍ଷରୁ ଅଧିକ ପିଲା ପାଟିବାଟେ କ୍ୟାପସୁଲ ଆକାରରେ ଟିକା ଖାଇପାରିବେ ।

ଇନ୍‌ଫ୍ଲୁଏନ୍‌ଜା ଟିକା : ଏହା ପ୍ରତିବର୍ଷ ନେବାକୁ ପଡ଼େ । କେତେକ ଗୋଷ୍ଠୀର ରୋଗୀ ଯଥା ଏଡ଼ସ୍, ସିକିଲସେଲ୍, ଥାଲାସିମିଆ, କ୍ୟାନସର ରୋଗୀଙ୍କୁ ଟିକା ଦିଆଯାଇଥାଏ । ଅନ୍ୟ ପିଲା ମଧ୍ୟ ଏହି ଟିକା ନେଇପାରିବେ ।

ନିମୋକୋକାଲ ଟିକା : ଏହା ପ୍ଲୀହା କାଢ଼ି ଦିଆଯାଇଥିବା ଶିଶୁମାନଙ୍କୁ, ଏଡସ୍ ରୋଗୀ, ଥାଲାସେମିଆ ରୋଗୀ ଏମାନଙ୍କୁ ଦିଆଯାଇଥାଏ । ଏହାଛଡ଼ା ମେନେଙ୍ଗୋକୋକାଲ ମେନିନ୍‌ଜାଇଟିସ୍ ଓ ଜାପାନିଜ୍ ଏନସେଫାଲାଇଟିସ୍ ଟିକା ମଧ୍ୟ ବାହାରିଛଇ । ଏଗୁଡ଼ିକ ଏପିଡ଼େମିକ ସମୟରେ ଯଥା- ଦିଲ୍ଲୀ ଓ ଆଖପାଖ ଅଂଚଳରେ ଖରାଦିନେ ଏବଂ ଆମ ଓଡ଼ିଶାରେ କଳାହାଣ୍ଡିରେ ମେନିଙ୍ଗୋକୋକାଲ ମେନିନାଇଟିସର ଏପଡ଼େମିକ ହୁଏ । ତେଣୁ ଏହି ରୋଗ ଦେଖାଦେଲା ମାତ୍ରେ ଉପରୋକ୍ତ ଟିକା ସମସ୍ତେ ନେବା ଆବଶ୍ୟକ ।

ଜାପାନିଜ୍ ଏନସେଫାଲାଇଟିସ ଏକ ମାରାତ୍ମକ ରୋଗ- ଏହା ଅଧିକ ଦକ୍ଷିଣ ଭାରତରେ ଦେଖାଯାଏ- ଘୁଷୁରୀ ଓ ଘୁଷୁରୀ ଚରାଇବା ଲୋକଙ୍କଠାରେ ଏହା ଅଧିକ ଦେଖାଦିଏ ଓ ଆପେ ଏହାର ଟିକା ଏପିଡ଼େମିକ ସମୟରୁ ଦିଆଯାଏ ।

ଭବିଷ୍ୟତରେ ଟିକା : ମ୍ୟାଲେରିଆ, ଲେପ୍ରସି, ଏଡ଼ସ ବିଭିନ୍ନ ପ୍ରକାର କ୍ୟାନସର ଇତ୍ୟାଦି ଟିକା ପାଇଁ ଗବେଷଣା ଚାଲୁ ରହିଛି ।

ଟିକାଦାନ କାର୍ଯ୍ୟସୂଚୀ (ଭାରତୀୟ ଶିଶୁ ଚିକିତ୍ସକ ସଂଘ)

ଜନ୍ମବେଳେ- ପୋଲିଓ ବୁନ୍ଦା, ବିସିଜି, ହେପାଟାଇଟିସ୍ ବି

ଦେଢ଼ମାସ - ଡ଼ିପିଟି, ପୋଲିଓ, ହେପା.ବି, ହିମୋଫାଇଲସ୍ 'ବି'

ଅଢ଼େଇ ମାସ - ଡ଼ିପିଟି, ପୋଲିଓ, ହିମୋଫାଇଲସ 'ବି'

ସାଢ଼େ ତିନି ମାସ - ଡ଼ିପିଟି, ପୋଲିଓ, ହେପା.ବି, ହିମୋଫାଇଲସ 'ବି'

୯ ମାସ - ମିଳିମିଳା, ଭିଟାମିନ୍‌ଥ 'କ' ଦ୍ରବଣ

୧୨ ମାସ ପରେ- ହେପା.ଏ, ଚିକେନପକ୍ସ

୧୫ ମାସ - ଏମ.ଏମ.ଆର

୧୮ ମାସ - ଡ଼ିପିଟି ବୁଷ୍ଟର, ପୋଲିଓ ବୁଷ୍ଟର(୧) ହେପା.ଏ(୨), ହିମୋଫାଇଲସ ବୁଷ୍ଟର (୧)

୨ ବର୍ଷ - ଟାଇଫଏଡ଼

୫ ବର୍ଷ - ଡ଼ିପିଟି, ପୋଲିଓ ବୁଷ୍ଟର(୨)

୧୦ ବର୍ଷ - ଟି.ଟି.

୧୫ ବର୍ଷ - ଟି.ଟି.

ଏକ ସୁସ୍ଥ ନିରୋଗ ଶିଶୁ ପାଇଁ ଉପରୋକ୍ତ ଟିକା ଦେବା ଆବଶ୍ୟକ ।

ସିଗାରେଟ୍ ଟାଣିବା ପରେ ତୁରନ୍ତ କୋଲ୍ଡ ଡ୍ରିଙ୍କ୍ ପିଉଛନ୍ତି କି ? ସାବଧାନ୍ ଶରୀରରେ ପଡିପାରେ ପ୍ରଭାବ

ସିଗାରେଟ୍ ଏବଂ କୋଲ୍ଡଡ୍ରିଙ୍କ ଉଭୟ ମଣିଷ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । କିନ୍ତୁ ଏହି ତଥ୍ୟ ଜାଣିବା ସତ୍ତ୍ୱେ ଲୋକମାନେ ପ୍ରତିଦିନ ପିଇଥାଆନ୍ତି । ତଥାପି, କେବଳ ଅଳ୍ପ ଲୋକ ଉଭୟ ଜିନିଷ ଏକାଠି ପିଅନ୍ତି । ଆଜି ଆମେ ଆପଣଙ୍କୁ ଏହି ଆର୍ଟିକିଲରେ କହିବା ଯେ ଯଦି ଆପଣ ଉଭୟ ଜିନିଷକୁ ଏକାଠି ପିଅନ୍ତି ତେବେ ଆପଣଙ୍କ ଶରୀର ଉପରେ କ'ଣ ପ୍ରଭାବ ପଡ଼ିବ ? ଚାଲନ୍ତୁ ଜାଣିବା ଏହା ବିଷୟରେ...

ନ୍ୟାସନାଲ ସେଣ୍ଟର ଫର ବାୟୋଟେକ୍ନୋଲୋଜି ସୂଚନା ଅନୁଯାୟୀ, ଯେତେବେଳେ ଆପଣ ପ୍ରତିଦିନ କୋଲ୍ଡଡ୍ରିଙ୍କ ପିଉଛନ୍ତି , ତେବେ ଆପଣଙ୍କ ଶରୀରରେ ଅଧିକ ଫ୍ରୁଟକୋଜ୍ ପରିମାଣ ଯଥେଷ୍ଟ ବୃଦ୍ଧି ପାଇଥାଏ । ଏହା ଆମ ଶରୀରର ମ୍ୟୁଟନ୍ସ ଆହୁରି ବଢାଇଥାଏ । ଏଥି ସହିତ, ସିଗାରେଟରେ ଥିବା ନିକୋଟିନ୍ ମଧ୍ୟ ଆମ ଶରୀରରେ ଏସ୍ ମ୍ୟୁଟାନ୍ସର ପରିମାଣ ମଧ୍ୟ ବଢାଏ। ଏପରି ପରିସ୍ଥିତିରେ, ଯେତେବେଳେ ଆମେ ଏକତ୍ର ସିଗାରେଟ୍ ଏବଂ କୋଲ୍ଡ ଡ୍ରିଙ୍କ୍ସ ପିଉ ଏହା ଆମ ଶରୀର ପାଇଁ ବିପଦଜନକ ଅଟେ । ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର (ସିଡିସି) ର ରିପୋର୍ଟ ଅନୁଯାୟୀ, ସିଗାରେଟ୍ ଧୂଆଁ ଶରୀରର ପ୍ରାୟ ସମସ୍ତ ଅଙ୍ଗକୁ କ୍ଷତି ପହଞ୍ଚାଇଥାଏ । ଏହା ସହ ଅନେକ ରୋଗ ମଧ୍ୟ ସୃଷ୍ଟି କରିଥାଏ। ସିଗାରେଟ୍ ଟାଣିବା ଦ୍ୱାରା ଶ୍ୱାସକ୍ରିୟା, ରକ୍ତ ସଞ୍ଚାଳନ ପ୍ରଣାଳୀ, ପ୍ରଜନନ ପ୍ରଣାଳୀ, ଚର୍ମ ଏବଂ ଆଖି ତଥା ଆମର ଫୁସଫୁସକୁ ଖରାପ ପ୍ରଭାବିତ କରିଥାଏ । କେବଳ ଏତିକି ନୁହେଁ, ସିଗାରେଟ୍ ?ରେ ମଧ୍ୟ ଅନେକ ପ୍ରକାରର କର୍କଟ ରୋଗର ଆଶଙ୍କା ବଢିଥାଏ। ରିପୋର୍ଟ ଅନୁଯାୟୀ, ଫୁସଫୁସ କର୍କଟ ରୋଗରେ ଧୂମପାନ ଏକ ପ୍ରମୁଖ କାରଣ ହୋଇ ରହିଥାଏ।

ଗ୍ରୀଷ୍ମ ଋତୁରେ କୋଲ୍ଡଡ୍ରିଙ୍କ ପିଉଥିବା ଲୋକଙ୍କ ସଂଖ୍ୟା ବଢିଥାଏ । ଏହା ଆମ ଶରୀର ଉପରେ କେତେ ଖରାପ ପ୍ରଭାବ ପକାଇଥାଏ, ଆପଣ ଏହା ବିଷୟରେ ଜାଣିବାକୁ କେବେ ଚେଷ୍ଟା କରିଛନ୍ତି କି ? ବାସ୍ତବରେ, ଫ୍ରୁଟକୋଜ୍ ବହୁ ପରିମାଣରେ କୋଲ୍ଡଡ୍ରିଙ୍କ୍ ?ରେ ରହିଥାଏ। ଏହି କାରଣରୁ ପେଟରେ ଚର୍ବି ଜମା ହୋଇଥାଏ । ଅନ୍ୟ ପଟେ, ଯେତେବେଳେ ଆମେ କୋଲ୍ଡଡ୍ରିଙ୍କ ପିଇବାର ପରିମାଣ ବଢିଥାଏ। ଏହା ଯକୃତ ଉପରେ ଅଧିକ ମାତ୍ରାରେ ପ୍ରଭାବ ପକାଏ। ମଦ୍ୟପାନ ନକରି ବି ଫ୍ୟାଟି ଲିଭର ରୋଗର ଆଶଙ୍କା ବଢିଥାଏ।

ଏହି ବ୍ୟୁଟି ପ୍ରଡକ୍ଟରେ ରହିଥାଏ ବିପଜ୍ଜନକ କେମିକଲ୍ ! ବ୍ୟବହାର କରିବା ପୂର୍ବରୁ ଜାଣି ନିଅନ୍ତୁ ଏହା ବିଷୟରେ...

ମେକଅପ୍ ଇଣ୍ଡଷ୍ଟ୍ରି ବହୁତ ବଡ। ଯେଉଁଥିରେ ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ପ୍ରତିଦିନ ନୂଆ-ନୂଆ କସମେଟିକ୍ ପ୍ରଡକ୍ଟ ଲଞ୍ଚ କରାଯାଏ । ଏହି ପ୍ରଡକ୍ଟ ଗୁଡ଼ିକ ବିଭିନ୍ନ ପ୍ରକାରର ଏବଂ ସେଗୁଡିକ ତିଆରି ଏବଂ ବ୍ୟବହାର କରିବାର ଉପାୟ ମଧ୍ୟ ଭିନ୍ନ ଅଟେ । ପ୍ରାୟତଃ ଦେଖାଯାଏ ଯେ ଲୋକମାନେ ଖାଦ୍ୟ ପଦାର୍ଥର ଲେବଲ୍ ପଢନ୍ତି କିନ୍ତୁ ସେଥିରେ କେଉଁ ଜିନିଷ ଗୁଡିକ ମିଶ୍ରିତ ହୋଇଛି ତାହା ଦେଖିବା ପାଇଁ ମେକ୍ ଇନ୍ ଆଇଟମ ଗୁଡିକର ଲେବଲକୁ କେବେବି ଯାଞ୍ଚ କରନ୍ତି ନାହିଁ । ସୂଚନା ଅନୁଯାୟୀ ଅନେକ ଦ୍ରବ୍ୟରେ କ୍ଷତିକାରକ ରାସାୟନିକ ପଦାର୍ଥ ରହିଥାଏ । ଯାହା ତ୍ୱଚା ବା ଚର୍ମ ପାଇଁ ଭଲ ନୁହେଁ। ଏପରି କିଛି କସମେଟିକ୍ କମ୍ପାନୀ ଗୁଡିକ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟର ଉପାଦାନ ଉପରେ ନଜର ରଖନ୍ତି । ସେ ଏପରି ତିନୋଟି ସୌନ୍ଦର୍ଯ୍ୟ ଦ୍ରବ୍ୟକୁ କହିଛନ୍ତି ଯାହାକୁ ଏଡାଇବା ଉଚିତ୍।

ୱାଟରପ୍ରୁଫ୍ ମସ୍କାରା: ୱାଟରପ୍ରୁଫ୍ ମସ୍କାରା ତିଆରି କରିବା ପାଇଁ କମ୍ପାନୀ ଗୁଡିକ ଏଥିରେ ପର-ଆଣ୍ଡ-ପଲି-ଫ୍ଲୋରୋ ଆଲ୍କାଇଲ୍ ପଦାର୍ଥ ଯୋଗ କରିବାକୁ ପଡିଥାଏ। ଚରଇଝ ଅତ୍ୟନ୍ତ ବିପଜ୍ଜନକ ବୋଲି ବିବେଚନା କରାଯାଏ। ଯାହା କିଡନୀ, ହାଇ କୋଲେଷ୍ଟ୍ରଲ, ବନ୍ଧ୍ୟାକରଣ ଏବଂ ମସ୍ତିଷ୍କ ରୋଗ ମଧ୍ୟ ସୃଷ୍ଟି କରିପାରେ । ମାନବ ଶରୀରର ପ୍ରତ୍ୟେକ ଅଙ୍ଗ ପାଇଁ ଚରଇଝ ବିପଜ୍ଜନକ ଅଟେ । ଚରଇଝ ର ସଂସ୍ପର୍ଶରେ ଆସିବା ଦ୍ୱାରା ଦୁର୍ବଳ ପ୍ରତିରୋଧକ ଶକ୍ତି, କେତେକ ପ୍ରକାରର କର୍କଟ, ମଧୁମେହ, ମୋଟାପଣ ଭଳି ସମସ୍ୟା ମଧ୍ୟ ଦେଖାଦେଇପାରେ।

ଡ୍ରାଇ ଶ୍ୟାମ୍ପୁ: ଡ୍ରାଏ ସାମ୍ପୁ ମଧ୍ୟ କେବେବି ବ୍ୟବହାର କରାଯିବା ଉଚିତ୍ ନୁହେଁ। ଏହି ଡ୍ରାଏ ସାମ୍ପୁରେ ବେନଜିନ ନାମକ ଏକ କ୍ଷତିକାରକ ରାସାୟନିକ ପଦାର୍ଥ ରହିଥାଏ। ଯାହାକି ଏକ କର୍କିନୋଜେନ । ଏହାର ଅଳ୍ପ ପରିମାଣରେ ବ୍ୟବହାର କର୍କଟ ରୋଗ ହେବାର ଆଶଙ୍କା ବଢାଇଥାଏ ।

କେଶ ସିଧା କରିବା କେମିକାଲ: କେଶ ସିଧା କରିବା ରାସାୟନିକ ପଦାର୍ଥ ଗର୍ଭାଶୟ କର୍କଟ ହେବାର ଆଶଙ୍କା ବଢାଇଥାଏ। ଏହା ମଧ୍ୟ ଓଭାରି ଏବଂ ସ୍ତନ କର୍କଟ ରୋଗର ଆଶଙ୍କା ବଢାଇପାରେ । କାରଣ ଏଥିରେ ପାରାବେନ୍ସ, ବିସଫେନଲ୍ ଏ ଏବଂ ଫର୍ମାଲଡିହାଇଡ୍ ପରି ବିପଜ୍ଜନକ ରାସାୟନିକ ପଦାର୍ଥ ରହିଥାଏ । ଏହି ସବୁ ସେମାନେ ସିଧାସଳଖ ଖପୁରିରେ ଅବଶୋଷିତ ହୁଏ।

ମୁଖ୍ୟମନ୍ତ୍ରୀ ମତ୍ସ୍ୟଜିବୀ କଲ୍ୟାଣ ଯୋଜନା ଅର୍ନ୍ତଗତ
ଓଡ଼ିଶାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ
"ବାୟୋଫ୍ଲକ (ଜୈବପୁଞ୍ଜ) ମାଧ୍ୟମରେ ସଘନ ମାଛ ଓ ଚିଙ୍ଗୁଡ଼ି ଚାଷ"

ଅଧିକ ପ୍ରାକୃତିକ ଜମି ଓ ଜଳ ସଂପଦ ଉପଯୋଗ ନକରି ସୀମିତ ସ୍ଥାନରେ ସଘନ ମାଛ ଓ ଚିଙ୍ଗୁଡ଼ି ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଲକ୍ଷରେ ବାୟୋଫ୍ଲକ ଏକ ଉନ୍ନତ ଜ୍ଞାନ କୌଶଳ ପଦ୍ଧତି ଅଟେ। ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ରୋଜଗାର ସୃଷ୍ଟି ତଥା ଯୁବ ଉଦ୍ୟୋଗୀମାନଙ୍କୁ ମାଛଚାଷ ପ୍ରତି ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ରାଜ୍ୟ ଯୋଜନା ବ୍ୟୟରେ ଆରମ୍ଭ କରିଛନ୍ତି **"ବାୟୋଫ୍ଲକ (ଜୈବପୁଞ୍ଜ) ମାଧ୍ୟମରେ ସଘନ ମାଛ ଓ ଚିଙ୍ଗୁଡ଼ି ଚାଷ"** ଯୋଜନା। ଏହି ପଦ୍ଧତିରେ ଗୋଲାକାର ବା ଆୟତାକାର କୁଣ୍ଡରେ ପ୍ରୋ-ବାୟୋଟିକ ପ୍ରୟୋଗ ଦ୍ୱାରା ଅବ୍ୟବହୃତ ଖାଦ୍ୟ ଓ ବର୍ଜ୍ୟବସ୍ତୁକୁ ପରିବର୍ତ୍ତିତ କରାଯାଇ ମାଛର ଖାଦ୍ୟ ରୂପେ ଉପଯୋଗ କରାଯାଏ। ସ୍ୱଚ୍ଛ ଜଳ ବିନିମୟ ଓ ନିରବଚ୍ଛିନ୍ନ ବାୟୁ ସଂଚାଳନ କରାଯାଉଥିବା ଯୋଗୁଁ ବାୟୋଫ୍ଲକ ପଦ୍ଧତିରେ ଅଧିକ ମାଛ / ଚିଙ୍ଗୁଡ଼ି ଉତ୍ପାଦନ ସମ୍ଭବ ହୁଏ। ଏହା ଏକ ପରିବେଶ ଅନୁକୂଳ ଚାଷ ପଦ୍ଧତି ଯାହାକି ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସୀମିତ ସ୍ଥାନରେ ଚାଷ କରାଯାଇପାରୁଛି। ୪୦୦୦ ବର୍ଗମିଟର ପରିମିତ ପୋଖରୀରେ ଯେତିକି ମାଛ ଉତ୍ପାଦନ ସମ୍ଭବ, ସେତିକି ମାଛ ମାତ୍ର ୧୦୦ ରୁ ୧୫୦ ବର୍ଗମିଟର ଜମିରେ ୪ଟି ବାୟୋଫ୍ଲକ କୁଣ୍ଡରୁ ଉତ୍ପାଦନ ହୋଇପାରିବ।

ବାୟୋଫ୍ଲକ ଯୋଜନାରେ ମିଳୁଥିବା ସହାୟତା (ପ୍ରତ୍ୟେକ କୁଣ୍ଡର ଆକାର - ୪ ମିଟର ବ୍ୟାସ ଓ ୧.୩ ମିଟର ଗଭୀର= ୧୫୦୦୦ ଲିଟର)

କ୍ରମ ସଂ.	ମଡେଲ	ୟୁନିଟ୍ ମୂଲ୍ୟ (ଲକ୍ଷ)	କ୍ୟାପିଟାଲ୍ (ଲକ୍ଷ)	ଇନ୍‌ପୁଟ୍ (ଲକ୍ଷ)	ରିହାତି ଟଙ୍କାରେ: ସାଧାରଣ ବର୍ଗ (୪୦%)	ରିହାତି ଟଙ୍କାରେ: ଏସ.ସି/ଏସ.ଟି ମହିଳା (୬୦%)
	କେବଳ ସିମେଣ୍ଟ କୁଣ୍ଡ					
୧.	୨ଟି କୁଣ୍ଡ ୩୦ ଘନ ମିଟର	୨.୦୦	୧,୫.୦୦୦	୫୦,୦୦୦	୮୦,୦୦୦	୧,୨୦,୦୦୦
୨.	୪ଟି କୁଣ୍ଡ ୬୦ ଘନ ମିଟର	୪.୦୦	୩,୦୦,୦୦୦	୧,୦୦,୦୦୦	୧,୬୦,୦୦୦	୨,୪୦,୦୦୦
୩.	୬ଟି କୁଣ୍ଡ ୯୦ ଘନ ମିଟର	୬.୦୦	୪,୫୦,୦୦୦	୧,୫୦,୦୦୦	୨,୪୦,୦୦୦	୩,୬୦,୦୦୦



ଏହି ସହାୟତା ପାଇବା ପାଇଁ ନିୟମାବଳୀ:

୧. ଜଣେ ହିତାଧିକାରୀ ସର୍ବନିମ୍ନ ୨ଟି କୁଣ୍ଡ ଓ ସର୍ବାଧିକ ୬ଟି କୁଣ୍ଡ ନିମନ୍ତେ ସହାୟତା ପାଇପାରିବେ।

୨. ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଯୋଜନାରେ ଯଦି ହିତାଧିକାରୀ ପୂର୍ବରୁ ୬ଟି ବାୟୋଫ୍ଲକ କୁଣ୍ଡରୁ କମ୍ କୁଣ୍ଡରେ ବାୟୋଫ୍ଲକ ଚାଷ ନିମନ୍ତେ ସହାୟତା ପାଇଥିବେ, ତେବେ ଏହି ଯୋଜନାରେ ସାମିଲ ହୋଇ ମୋଟ ୬ଟି ବାୟୋଫ୍ଲକ କୁଣ୍ଡ ପର୍ଯ୍ୟନ୍ତ ସହାୟତା ପାଇପାରିବେ।

୩. ଆଗ୍ରହୀ ହିତାଧିକାରୀ ଏଥିପାଇଁ ନିର୍ଦ୍ଧାରିତ ଫର୍ମରେ ସହକାରୀ ମତ୍ସ୍ୟ ଅଧିକାରୀଙ୍କ ମାଧ୍ୟମରେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ଆବେଦନ ଉଭୟ ଅନଲାଇନ କିମ୍ବା ଅଫ ଲାଇନ୍‌ରେ କରିପାରିବେ।

୪. ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ବାୟୋଫ୍ଲକ କୁଣ୍ଡ ସ୍ଥାପନକରି ମାଛଚାଷ ନିମନ୍ତେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅନୁମତି ପ୍ରଦାନ କରିବେ।

୫. ପ୍ରତ୍ୟେକ ହିତାଧିକାରୀ ବାୟୋଫ୍ଲକ ତାଲିମ ନେବା ପାଇଁ ନିଜ ସହିତ ଦୁଇଜଣଙ୍କ ନାମ ସୁପାରିଶ କରିବେ। ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ସେମାନଙ୍କୁ ତାଲିମ ପ୍ରଦାନ କରାଯିବ।

୬. ପ୍ରକଳ୍ପ ସମ୍ପୂର୍ଣ୍ଣ ପରେ ଓ ଜିଲ୍ଲାସ୍ତରୀୟ ତଦାରଖ କମିଟି ଅନୁଧ୍ୟାନ କରିବା ପରେ ହିତାଧିକାରୀଙ୍କ ରିହାତି ଅର୍ଥ ସେମାନଙ୍କ ବ୍ୟାଙ୍କ ଜମାଖାତା କୁ DBT ମାଧ୍ୟମରେ ହସ୍ତାନ୍ତର କରାଯିବ।

ନୂତନ ଜ୍ଞାନକୌଶଳରେ ମାଛଚାଷ, ଉତ୍ପାଦନ ହେବ ଦ୍ୱିଗୁଣିତ

ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀ ମୟୂରଭଂଜଙ୍କ ସହିତ ଯୋଗାଯୋଗ କରନ୍ତୁ।

ଫୁଲବାଣୀ ଜିଲ୍ଲା ମୁଖ୍ୟାଳୟରେ ମେରୀ ମାଟି ମେରୀ ଦେଶ କାର୍ଯ୍ୟକ୍ରମ

କନ୍ଧମାଳ, ୧୭/୧୦ (ନି.ପ୍ର): ଫୁଲବାଣୀ ସହରର ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଫୁଲବାଣୀ ଠାରେ ବ୍ଲକ୍ ସ୍ତରୀୟ ମେରୀ ମାଟି ମେରୀ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବରେ ୧୨୭ ସିଆରପିଏଫ୍ ବାଟାଲିୟନ ବାଲିଗୁଡ଼ା ର କମାଣ୍ଡେଟ ଆନନ୍ଦ ଝା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସଂସ୍କୃତ ଅଧିକାରି ଅକ୍ଷୟ କୁମାର ସେଠୀ, ପ୍ରଫେସର ବି.ଇ.ଡି. କଲେଜ ର ମଧୁପା ସୁନା, ଡଃ.ଦିଲ୍ଲୀପ କୁମାର ପାଣିଗ୍ରାହୀ, ପଲିଟେକନିକ କଲେଜ, ଦେବି ପ୍ରସାଦ ଶତପଥୀ, ପ୍ରଧାନ ଶିକ୍ଷକ ପୋଲିସ୍ ହାଇସ୍କୁଲ ବିଜୟା ନନ୍ଦ ସାହୁ, ଆରତୀ ବେହେରା, ସୁଦ୍ଧା ମଞ୍ଜରୀ ମଲ୍ଲିକ, ସହାୟକ କମାଣ୍ଡେଟ ୧୨୭ ସିଆରପିଏଫ୍ ବାଟାଲିୟନ ବାଲିଗୁଡାର ସୁବ୍ରତ ନାୟକ ଏବଂ ନେହେରୁ ଯୁବକେନ୍ଦ୍ର ଫୁଲବାଣୀର ଜିଲ୍ଲା ଯୁବ ଅଧିକାରୀ ନଭନିତ୍ କୁମାର, ସହକର୍ମୀ ସତ୍ୟବାନ୍ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହାଇସ୍କୁଲ ଓ କଲେଜର ଛାତ୍ର ଛାତ୍ରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଏକ ପଦ ଯାତ୍ରା ସର୍କିଟ ହାଉସ ରୁ ବାହାରି ସହର ପରି ଭ୍ରମଣ କରିଥଲେ। ପଦଯାତ୍ରା ପରେ ପରେ ଏକ ବୈଠକ ଗାନ୍ଧୀ ସ୍ମୃତି ଭବନ ଠାରେ ଅନୁଷ୍ଠିତ ହୋଇଥିଲା ଏବଂ ଏହି କାର୍ଯ୍ୟକ୍ରମଟି ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପୂର୍ତ୍ତି ହେବାର ଉପଲକ୍ଷେ ଅନୁଷ୍ଠିତ ହୋଇଅଛି। ଏହି କାର୍ଯ୍ୟକ୍ରମରେ ସହିଦ ସହିଦ ସୁନଶିର ମହାନ୍ତିଙ୍କ ସ୍ତ୍ରୀ ଏବଂ ଉମାକାନ୍ତ ଯାନୀଙ୍କ ପତ୍ନୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବ୍ଲକର ବିଭିନ୍ନ ଗ୍ରାମରୁ ସଂଗ୍ରହ ହୋଇଥିବା ମାଟିକୁ ଜିଲ୍ଲା ପ୍ରଶାସନ ଗ୍ରହଣ କରିଥିଲେ। ଏଥିରେ ସାନସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା।

ବୈଠକରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ମୂଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ଉପସ୍ଥିତ ଜନସାଧାରଣ ମାନଙ୍କୁ ସ୍ୱାଗତ କରିଥିବା ବେଳେ ଜିଲ୍ଲା ଯୁବ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

ତରଭା ବ୍ଲକ୍‌ରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୧୭/୧୦ (ନି.ପ୍ର): ଆଜି ସୁବର୍ଣ୍ଣପୁର ଜିଲ୍ଲାର ବ୍ଲକ୍ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ତରଭା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୩୪ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ୧୦ ଗୋଟି ସାମୁହିକ ଦରଖାସ୍ତ ରହିଥିବା ବେଳେ ୨୪ ଗୋଟି ବ୍ୟକ୍ତିଗତ ଦରଖାସ୍ତ ରହିଛି। ଗ୍ରହଣ କରାଯାଇଥିବା ସମସ୍ତ ଦରଖାସ୍ତ ମଧ୍ୟରୁ ୩ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଦରଖାସ୍ତ ଗୁଡିକୁ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ, ତରଭା ଅନିଲ କୁମାର କୁଲୁ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ସୋନପୁର ଡଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡଃ. ରମେଶ ଚନ୍ଦ୍ର ସ୍ୱାଇଁ, ଅଧିକ୍ଷଣ ଯନ୍ତ୍ରୀ ପିଡବ୍ଲୁଡି ଇଂ. ଦାମୋଦର କୈବର୍ତ୍ତ, ନିର୍ବାହୀ ଯନ୍ତ୍ରୀ ଆର.ଡବ୍ଲୁ.ଏସ.ଏସ. ଇଂ. ଶ୍ରୀକାନ୍ତ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ନିର୍ବାହୀ ଯନ୍ତ୍ରୀ ଟି.ପି.ଡବ୍ଲୁ. ଓ.ଡି.ଏଲ. ଅଶୋକ କୁମାର ମିଶ୍ର, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ ,ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ,ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପଧାନ, ତହସିଲଦାର ତରଭା କିର୍ତ୍ତୀ ଚନ୍ଦ୍ର ପ୍ରଧାନ, ଆଇ ଆଇ ସି ତରଭା ଅନିତା କିଣ୍ଡୋ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ। ଶିବିର ପରିଚାଳନାରେ ସମସ୍ତ ବ୍ଲକ ସ୍ତରୀୟ କର୍ମଚାରୀ ସହଯୋଗ କରିଥିଲେ।

ବିଶ୍ୱଶାନ୍ତି ମହାଯଜ୍ଞ ଓ ଟିକ୍ରାପଡା ନାମଯଜ୍ଞର ସୁବର୍ଣ୍ଣ ଜୟନ୍ତି ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୧୭/୧୦ (ନି.ପ୍ର): ଟିକ୍ରାପଡା ଅହୋରାତ୍ର ନାମଯଜ୍ଞ ଚଳିତ ବର୍ଷ ୫୦ ବର୍ଷ ପୂର୍ତ୍ତିରେ ସୁବର୍ଣ୍ଣ ଜୟନ୍ତି ସମାରୋହ ୨୯.୧୧.୨୩ ଏବଂ ବିଶ୍ୱ ଶାନ୍ତି ବିଷ୍ଣୁ ମହାଯଜ୍ଞ ୨୨.୧୧.୨୦୨୩ ରୁ ୨୭.୧୧.୨୦୨୩ ଆୟୋଜନ କରାଯିବାକୁ ଟିକ୍ରାପଡାର ପୁରାତନ ଧାର୍ମିକ ଅନୁଷ୍ଠାନ ଶ୍ରୀ କ୍ରିଷ୍ଣା ଚୈତନ୍ୟ ସେବା ସଂସ୍ଥାନ (କିର୍ତନ ମଣ୍ଡଳୀ) ଦ୍ୱାରା ଆଦୃତ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପତିତପାବନ ବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିର ସହରର ଧାର୍ମିକ ଅନୁଷ୍ଠାନ, ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ, ବିଭିନ୍ନ ବ୍ୟକ୍ତି ବିଶେଷ ତଥା ସମସ୍ତ ପଡାବାସି ଏବଂ ଟିକ୍ରାପଡା ଅହୋରାତ୍ର ନାମଯଜ୍ଞର ସମସ୍ତ ସଭ୍ୟ ସଭ୍ୟାମାନେ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମ ଗୁଡିକ ଆୟୋଜନ ନିମନ୍ତେ ମତାମତ ପ୍ରଦାନ କରିଥିଲେ । ଆୟୋଜନ କମିଟିର ସଭ୍ୟ ପ୍ରଦୀପ ସାହୁ ସ୍ୱାଗତ ଭାଷଣ ଦେବା ସହ ସଭା ସଂଯୋଜନା କରିଥିଲେ । ଶ୍ରୀକ୍ରିଷ୍ଣା ଚୈତନ୍ୟ ସେବା ସଂସ୍ଥାନର ସଭାପତି ପ୍ରକାଶ ନେପାକ ବିବରଣୀ ପ୍ରଦାନ କରିବା ସହ ଆଗାମୀ ସୁବର୍ଣ୍ଣ ଜୟନ୍ତିରେ ନାମଯଜ୍ଞ ସହ ବିଶ୍ୱ ଶାନ୍ତି ବିଷ୍ଣୁ ମହାଯଜ୍ଞ, ସାତ ଦିନ ଧରି ବିଭିନ୍ନ ଆଧାତ୍ମିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ମରଣିକା ପ୍ରକାଶନ କରାଯିବା ସହ ବିଦ୍ୟାଳୟ ସ୍ତରୀୟ ଆଧାତ୍ମିକ ସଂଗୀତ, ସୌଖିନ ପୋଷାକ, ବେଦ ଉଚ୍ଚାରଣ, ଚିତ୍ରକଳା, ରଙ୍ଗୋଲି, ବକ୍ତୃତା ପ୍ରତିଯୋଗିତାମାନ ଆୟୋଜନ କରାଯିବାର ସୂଚନା ଦେବା ସହ ସହରର ସମସ୍ତ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଏହି ଉତ୍ସବ କୁ ମହା ସମାରୋହରେ ଆୟୋଜନ କରାଯିବାକୁ ମତାମତ ଦେବା କୁ ଅନୁରୋଧ କରିଥିଲେ । ସଂପାଦକ ଅଙ୍କୁଶ ହୋତା ଆଗାମୀ ସୁବର୍ଣ୍ଣ ଜୟନ୍ତି ଆୟୋଜନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପ୍ରତିଷ୍ଠାତା ସଭ୍ୟ ଭଗବାନ ବଗର୍ତି ଏହି ନାମଯଜ୍ଞର ଅନବରତ ଭାବେ ଆୟୋଜନ କରାଯାଇ ୫୦ ବର୍ଷ ରେ ପଦାର୍ପଣ କରିଥିବାରୁ ଓଡିଶାରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି ବୋଲି ପ୍ରକାଶ କରିଥିଲେ । ବିଶିଷ୍ଟ ସମାଜସେବି ତଥା ବରିଷ୍ଠ ସଭ୍ୟ ବିକ୍ରମାନନ୍ଦ ବହିଦାର ସମସ୍ତ ଅନୁଷ୍ଠାନ ନାମଯଜ୍ଞ ଓ ବିଷ୍ଣୁ ମହାଯଜ୍ଞ ସହଯୋଗ କରିବା ପାଇଁ ନିବେଦନ କରିଥିଲେ ।

ଗୋପୀନାଥ ଗୌଡ଼ୀୟ ମଠ ପକ୍ଷରୁ ଦିବ୍ୟ ସମାଗମ

ପୁରୀ, ୧୭/୧୦ (ନି.ପ୍ର): ଶ୍ରୀ ଗୋପୀନାଥ ଗୌଡ଼ୀୟ ମଠ ପକ୍ଷରୁ ଆଧାତ୍ମିକ ଉତ୍ସବ 'ଦିବ୍ୟ ସମାଗମ'ର ଶୁଭାରମ୍ଭ ହୋଇଯାଇଛି। ସୋମବାର ଅପରାହ୍ନରେ ମଠ ତରଫରୁ ପ୍ରାୟ ୫୦୦୦ ସାଧୁସନ୍ଥମାନଙ୍କ ଦ୍ୱାରା ଶ୍ରୀମନ୍ଦିର ରୁ ଶ୍ରୀଜୀଉଙ୍କ ଆଜ୍ଞାମାଳ ସଦୃଶ ବିଭିନ୍ନ ଅଳଙ୍କାରମାନ ଏକ ବିରାଟ ଶୋଭାଯାତ୍ରାରେ ଅଣାଯାଇଥିଲା । ଏହାପରେ ଶ୍ରୀଚୈତନ୍ୟ ମଠ ପାଖରୁ ସାଧୁସନ୍ଥମାନଙ୍କର ଦ୍ୱାରା ନଗରକୀର୍ତନ ମଧ୍ୟ କରାଯାଇଥିଲା । ଉକ୍ତ ଶୋଭାଯାତ୍ରାରେ ପ୍ରଭୁ ଜଗନ୍ନାଥଙ୍କ ଅନନ୍ୟ ସେବକ ଶ୍ରୀ ଚୈତନ୍ୟ ଙ୍କ ପ୍ରତିମାକୁ ୧୨ଫୁଟ ଉଚ୍ଚ ଏକ ରଥ ଉପରେ ବିରାଜମାନ କରାଯାଇ ନଗର ପରିକ୍ରମା କରାଯାଇଥିଲା । ଏହି ନଗର କୀର୍ତନରେ ସାଧୁସନ୍ଥଙ୍କ ସହ ସାରା ବିଶ୍ୱର ବିଭିନ୍ନ କୋଣ ଅନୁକୋଣ ରୁ ଆସିଥିବା ଭକ୍ତ ତଥା ସାଧାରଣ ଜନତାମାନେ ମଧ୍ୟ ଯୋଗଦେଇ ଏହାର ଶୋଭା ବର୍ଦ୍ଧନ କରିଥିଲେ । ୩ ଦିନ ଧରି ଅନୁଷ୍ଠିତ ହୋଇଥିବା ଦିବ୍ୟ ସମାବେଶ ଏଚ୍‌ଡିଜି ଶ୍ରୀଲ ଭକ୍ତି ପ୍ରମୋଦ ପୁରୀ ଗୋସ୍ୱାମୀ ଠାକୁରଙ୍କ ୧୨୫ତମ ଆବିର୍ଭାବ ବାର୍ଷିକୀ ଏବଂ ଏଚ୍‌ଡିଜି ପ୍ରଭୁପଦ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀଠାକୁରଙ୍କ ୧୫୦ତମ ଆଗମନ ବାର୍ଷିକୀର ପ୍ରତୀକ ଅଟେ । ଏହି 'ଦିବ୍ୟ ସମାଗମ' ସନାତନ ଧର୍ମର ବିଶ୍ୱ ଆଧାତ୍ମିକ ପରମ୍ପରାକୁ ଏକତ୍ରିତ କରି, ତାହାକୁ ସମ୍ମାନ ଦେବାର ଏକ ଛୋଟିଆ ପ୍ରୟାସ । କୃଷ୍ଣ ଚେତନା, ସନାତନ ଧର୍ମ ଏବଂ ଭିନ୍ନ ଭିନ୍ନ ସନାତନ ସଂପ୍ରଦାୟ ମଧ୍ୟରେ ଏକତାକୁ ପ୍ରୋତ୍ସାହନ ଯୋଗାଇବା ସହ ଆଧାତ୍ମିକ ନେତୃବୃନ୍ଦ, ପ୍ରବକ୍ତା ଓ ଭକ୍ତ ଗଣଙ୍କୁ ପରସ୍ପର ସହ ଯୋଡିବାରେ ସହାୟକ ହେବ । ଅନ୍ୟମାନଙ୍କ ମଧ୍ୟରେ ବି ଏସ ଦାମୋଦର ସ୍ୱାମୀ, ବି ଏସ ବାମନ ସ୍ୱାମୀ , ବି ବି ବୋଧୟାନ ସ୍ୱାମୀ, ଯଜ୍ଞେଶ୍ୱର ଦାସ, ରୋହିଣୀ ନନ୍ଦନ ଦାସ, ସୁନୀତି ନନ୍ଦନ ଦାସ ଅନ୍ୟ ମଠାଧୀଶ ମାନେ ନଗର ପରିକ୍ରମା ରେ ସାମିଲ୍ ହୋଇଥିଲେ ।

ଚମ୍ପୁଆ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିନ ପାଳିତ

ଚମ୍ପୁଆ, ୧୭/୧୦ (ନି.ପ୍ର): ଚମ୍ପୁଆ ବ୍ଲକ ବିଜୁ ଜନତା ଦଳ ତରଫରୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ନିରାଡ଼ମ୍ବର ସହକାରେ ପାଳିତ ହୋଇ ଯାଇଛି । ଚମ୍ପୁଆ ଏନଏସି ଅଧକ୍ଷ ଗିରିଜା ଶଙ୍କର ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଂଟନ ପୂର୍ବକ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା କରାଯାଇଥିଲା । ଏହି ଅବସରରେ ବରିଷ୍ଠ ବିଜେଡି ନେତା ସୁବାଷ ରାମ ମହମ୍ମଦ ନାନକା, ପ୍ରଦୀପ ରାଜ, ମଂଟୁ ମିଶ୍ର, ଉପାଧ୍ୟକ୍ଷା ସୁମିତ୍ରା ବେହେରା, ମହମ୍ମଦ ସାତାର, ନର ଦାସଙ୍କ ସହିତ ଚମ୍ପୁଆ ଏନଏସିର ସମସ୍ତ କାଉନସିଲର ଓ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

ଦୁର୍ମାଗୁଡା ଗ୍ରାମବାସୀଙ୍କ ପାଇଁ ସାତ ସପନ ପାଲଟିଛି ସରକାରୀ ଯୋଜନା

ମାଲକାନଗିରି, ୧୭/୧୦ (ନି.ପ୍ର): ମଣିଷ ଚନ୍ଦ୍ରପୃଷ୍ଠକୁ ଚନ୍ଦ୍ରଯାନ ପଠାଇ ସେଠାରେ ଘର କରିବାର ସ୍ୱପ୍ନ ଦେଖୁଥିବାବେଳେ ଆଜି ମଧ୍ୟ ଏମିତି କିଛି ଲୋକ ଅଛନ୍ତି ଆଜି ପର୍ଯ୍ୟନ୍ତ ପକା ଘର ଖଣ୍ଡିଏ ପାଇବାର ବାସ୍ତବତା ଆଜି ସେମାନଙ୍କ ପାଇଁ ସାତ ସପନ ପାଲଟିଯାଇଛି । ଖାଲି ସେତିକି ନୁହେଁ ଗାଁର ବିକାଶ ହେଲେ ଦେଶର ବିକାଶ ବୋଲି ଢ଼ିଣ୍ଡିମ ପିଟୁଥିବା ସରକାରଙ୍କ ବାସ୍ତବତା କେତେ ସତ ତାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲାର ଉପାନ୍ତ ଗାଁରେ । ମାଲକାନଗିରି ଜିଲ୍ଲାର ଉପାନ୍ତ କାଲିମେଳା ବ୍ଲକର ଦୁର୍ମାଗୁଡ଼ା ଗାଁ । ବିକାଶ ଠାରୁ ବହୁ ଦୂରରେ ରହିଯାଇଛି, ଚିତ୍ରାଙ୍ଗପାଲୀ ପଂଚାୟତ ଅଫିସ ଠାରୁ ମାତ୍ର ୧୫ କିମି ଦୂରରେ ରହିଥିବା ଏହି ଗାଁ । ଗ୍ରାମର ଲୋକମାନେ ଆବାସ ଘରଟିଏ ପାଇପାରିନାହାଁନ୍ତି । କିଏ ତାଳ ପତ୍ର ଛପର କରି ରହୁଛି ତ ଆଉ କିଏ ମାଟି କାନ୍ଥ ଉପରେ ଆଜବେଷ୍ଟସ ପକାଇ ରହୁଛନ୍ତି । ଭଂଗା ଦଦରା ଘରେ ରହୁଥିବା ଏହି ଆଦିବାସୀ ପରିବାରଙ୍କ କଥା ସତେ ଯେପରି ସରକାର ଭୁଲି ଯାଇଛନ୍ତି। ଏତିକିରେ ସରିନି ଗାଁର ଦୁଃଖ । ପାହାଡ଼ ପାଦଦେଶରେ ଥିବା ଦୁର୍ମାଗୁଡ଼ା ଗାଁରେ ସ୍କୁଲ କିମ୍ବା ଅଙ୍ଗନୱାଡ଼ି କେନ୍ଦ୍ରଟିଏ ନଥିବାରୁ ଅଧିକାଂଶ ପିଲା ଗାଈ ଛେଳି ଚରାଉଥିବା ବେଳେ କେହି କେହି ନିକଟସ୍ଥ କେନାଲରୁ ମାଛ ଧରି ସମୟ ବିତାଇ ଦିଅନ୍ତି । ପକ୍କାଘର ନାହିଁ କି ଶିକ୍ଷାନୁଷ୍ଠାନ ତ ନାହିଁ । ପିଇବାକୁ ଭଲ ପାଣି ମୁନ୍ଦେ ବି ମିଳୁନାହିଁ । ଗ୍ରାମବାସୀଙ୍କୁ ପାଣି ଯୋଗାଇବା ପାଇଁ ଗତ ୩ବର୍ଷ ତଳେ ପ୍ରଶାସନ ତରଫରୁ ଏକ ସୋଲାର ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା । କିନ୍ତୁ ଦିନ କେଇଟା ଚାଲିବା ପରେ ଅଚଳ ହୋଇପଡ଼ିଛି । ଲୋକଙ୍କୁ ବିଶୁଦ୍ଧ ପାଣି ଟୋପାଏ ମିଳୁନଥିବା ବେଳେ ପାନୀୟ ଜଳ ପ୍ରକଳ୍ପ ଗାଈ ଗୁହାଳ ପାଲଟିଛି । ରାସ୍ତାଘାଟ କଥା ନକହିବା ଭଲ । ପକା ରାସ୍ତାଟିଏ ନଥିବାରୁଜରୁରୀ ସମୟରେ ଗାଁକୁ ଆମ୍ବୁଲାନସ ମଧ୍ୟ ଆସିପାରୁନଥିବା ଲୋକେ ଅଭିଯୋଗ କରିଛନ୍ତି। ଦୁର୍ମାଗୁଡ଼ା ଗାଁରେ ଅନୁସୂଚିତ ଜନଜାତିର ପରିବାର ବସବାସ କରୁଛନ୍ତି । ସମସ୍ତେ ଚାଷ ବାସ ଓ ଜଙ୍ଗଲ ଉପରେ ନିର୍ଭର କରି ଚଳିଥାନ୍ତି । ଧାନ, ମାଣ୍ଡିଆ, ସୁଆଁ ଚାଷ କରିବା ସହ ଜଂଗଲରୁ ମହୁଲ ଫୁଲ, କେ ଝୁପତ୍ର ଓ କାଠ ସଂଗ୍ରହ କରି ପେଟ ପୋଷିଥାନ୍ତି । ଜଙ୍ଗଲ ଜାତ ଦ୍ରବ୍ୟ ନମିଳିଲେ, ଯୁବକମାନେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥାନ୍ତି ।

ଆଗକୁ ଆସୁଛି ଦଶହରା : ଉଜ୍ଜ୍ୱଳ ଆଲୋକୀକରଣ ମରାମତି ପାଇଁ ଦାବି

ସାଲେପୁର, ୧୭/୧୦ (ନି.ପ୍ର): ସହରର ଝଲକ ଗାଁରେ ପ୍ରତିଫଳିତ ହେଉଥିବା କଥା ଗ୍ରାମାଂଚଳରେ ଶାସକ ବିଜୁ ଜନତା ଦଳର ନେତା ଓ କର୍ମୀମାନେ ଡିଣ୍ଡିମ ପିଟୁଛନ୍ତି । ଗ୍ରାମାଂଚଳରେ ସହରାଂଚଳ ଭଳି ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। କାର୍ଯ୍ୟ କରାଯାଉଛି ସତ ହେଲେ ଏହାର ସଠିକ୍ ରୂପାୟନ ହୋଇପାରୁନାହିଁ କ୍ଷେତ୍ରରେ । ଗ୍ରାମାଂଚଳର ବିଭିନ୍ନ ସ୍ଥାନରେ ଥିବା ଛକ ବଜାର ରାସ୍ତା ପାର୍ଶ୍ୱ ବିଶେଷକରି ରାଜ୍ୟ ରାଜପଥ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅନ୍ତର୍ଭୁକ୍ତ ନିୟନ୍ତ୍ରିତ ବଜାର କମିଟି କେନ୍ଦୁପାଟଣା (କୁଳିଆ) ଠାରୁ କଟିକଟା ପର୍ଯ୍ୟନ୍ତ ଅନେକ ସ୍ଥାନରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି । ଏକ ମହତ ଉଦ୍ଦେଶ୍ୟ ରଖି ଏହି କାର୍ଯ୍ୟ କରାଯାଇଛି । ସାଧାରଣ ଲୋକମାନେ ଅନ୍ଧାରରେ ଯାଆ ଆସ କରିବାରେ କୌଣସି ଅସୁବିଧା ରହିବ ନାହିଁ ବା ଅନ୍ଧାରର ସୁଯୋଗ ନେଇ ଅସାମାଜିକ ଯୁବକମାନେ ଚୋରୀ, ଡକାୟତି, ରାହାଜାନୀ ଭଳି ଅପରାଧ ଘଟାଇ ପାରିବେ ନାହିଁ । ଉଜ୍ଜ୍ୱଳ ଆଲୋକୀକରଣ ଯୋଜନାରେ ଆଲୋକୀକରଣ କରିବାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ପଂଚାୟତକୁ ଆସୁଥିବା ଅର୍ଥକୁ ପଂଚାୟତଠାରୁ ନେଇ ଏହି କାର୍ଯ୍ୟକ୍ରମରେ ବ୍ୟୟ କରାଯାଉଛି । ଫଳରେ ପଂଚାୟତର ବହୁ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ଉପୁଜୁଛି । ସବୁପରେ ଉଜ୍ଜ୍ୱଳ ଆଲୋକୀକରଣ ଉଦ୍ଘାଟନ ହେବାର ଅଳ୍ପ କିଛି ଦିନ ମଧ୍ୟରେ ଅନେକ ସ୍ଥାନରେ ଏହି ସେବା ବନ୍ଦ ପଡିଥିବା ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ଖୁଂଟାରେ ରାତ୍ରିରେ ବିଦ୍ୟୁତ ବଲ୍ବ ଜଳୁନାହିଁ । ନିମ୍ନମାନର ବିଦ୍ୟୁତ ବଲ୍ବ ବ୍ୟବହାର କରାଯାଉଥିବାରୁ ଖୁବ୍ଦମ୍ ଦିନ ମଧ୍ୟରେ ସେଗୁଡିକ ନଷ୍ଟ ହୋଇଯାଇ ସେ ସ୍ଥାନ ଅନ୍ଧାର ହୋଇ ରହୁଛି । ଏଥିରେ ସୁଧାର ଆଣି ଯେଉଁଠି ଯେଉଁଠି ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଠପ୍ ହୋଇଯାଇଛି ସେ ସ୍ଥାନରେ ପୁନଃ ଆଲୋକୀକରଣ କରିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରିତ ହେଲେ ମଧ୍ୟ କେହି ଶୁଣୁନାହାଁନ୍ତି । ପଂଚାୟତ ଅର୍ଥରେ ବିଦ୍ୟୁତ ଖୁଂଟ ପକାଯାଇ ଆଲୋକୀକରଣ କରାଗଲା । ହେଲେ ଏହାର ରକ୍ଷଣାବେକ୍ଷଣ ଓ ମରାମତି ଦାୟିତ୍ୱ କାହା ହାତରେ ନ୍ୟସ୍ତ ଅଛି ତାହା ସାଧାରଣରେ ଜଣାପଡୁନାହିଁ। ଉଜ୍ଜ୍ୱଳ ଆଲୋକୀକରଣ ବାବଦରେ ବ୍ୟବହୃତ ବିଦ୍ୟୁତ ଅର୍ଥ ବିଦ୍ୟୁତ ବିଭାଗ ପାଖରେ କିଏ ପଇଠ କରୁଛି ତାହା ମଧ୍ୟ ଅ

ଗଣ ଆବର୍ତ୍ତନୀରେ ଗଣପତି...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଅତଏବ ଭିକ୍ଷା ପାଇଁ ଆସୁଥିବା ଆଶାୟୀଙ୍କୁ ଗଣେଶ ଅର୍ଭ୍ୟର୍ଥନା ପାଇଁ ପ୍ରତିକ୍ଷାରତ ଓ ପରୋକ୍ଷରେ ଅତିଥି ଅଭ୍ୟାଗତ ଆଶାୟୀ ମାନଙ୍କୁ ଗଣେଶ ତାଙ୍କର ମାତାଙ୍କ ପାଇଁ ଅପେକ୍ଷାରତ। ମାତ୍ର ଯେଉଁ ଗୃହରେ ଶ୍ରୀଗଣେଶଙ୍କ ପ୍ରତିକୃତି ଲଗାଯାଇଛି ସେ ଗୃହରେ ଏମିତି ଅତିଥି ଅଭ୍ୟାଗତ ସେବା ପାଇଁ ବ୍ୟବସ୍ଥା ଅଛି କି? ଗୃହର ଗୃହକର୍ତ୍ତା ଏମିତି ଉଦାର କି? ମାଆ ଭଉଣୀଙ୍କୁ ଗଣେଶ ଜଗିଛନ୍ତି, ଗୃହର ବ୍ୟକ୍ତିମାନେ ଏମିତି ମାଆ ଭଉଣୀଙ୍କୁ ସମ୍ମାନ ଦେଖାଉଛନ୍ତି କି? ଏପରି ନଥାଇ ପୁନଶ୍ଚ ଦ୍ୱାର ମୁହଁରେ ଲୁହା କବାଟକୁ ବିଓ୍ୱେୟାର ହତ ଡଗ୍ କେତେକଙ୍କ ଦ୍ୱାରରେ ଲଗାଯାଇଛି। ଏଥିରେ ଗଣେଶ ଲୋକଙ୍କ ଘର ଜଗିବେ କି ନାହିଁ ଲଗାଇବା ଲୋକ ବୁଝିପାରିବେ? ବରଂ ଗଣେଶଙ୍କର ପାଶ ଅଙ୍କୁଶ ଗୃହକର୍ତ୍ତାଙ୍କ ପାଇଁ ଲାଗୁ ହୋଇଯିବ। ଯାହା ଅନେକ କଷ୍ଟର କାରଣ ହୋଇପାରେ।

ଗୁଡ଼ିଆଙ୍କ ଇଷ୍ଟ ଶ୍ରୀଗଣେଶ, ଗୁଡ଼ିଆଙ୍କର ପ୍ରାକ କାଳରେ ଗୁଡ଼ ତିଆରି ମିଠା ଦୁର୍ଲଭ ଉଖୁଡ଼ା ଦୁର୍ଲଭ ଫେଣା ଦୁର୍ଲଭ ଅନ୍ୟସବୁ ମିଠା ଆଧୁନିକ ଯାହା ଚିନିରେ ତିଆରି। ଏହା ସାଂଘାତିକ ଡାଇବେଟିସ ରୋଗର ଏକ ବିରୋଧ ଖାଦ୍ୟ, ଗଣେଶଙ୍କ ଅମୃତଲଡୁ ଏବେ ବିଷରେ ପରିବର୍ତ୍ତିତ ହୋଇଯାଇଛି। ମୋଦକ ଲଡୁକୁ ଏତେ ଆଗ୍ରହ ଲୋକଙ୍କର ନାହିଁ। ରସଗୋଲାଦି ବିଷ ସଦୃଶ ଦ୍ରବ୍ୟ ଡାଇବେଟିସ ରୋଗୀଙ୍କ ପାଇଁ କାମ କରୁଛି। ବଣିଆଁ ଦୋକାନରେ ସୁଦୃଶ୍ୟ ଆସନରେ ଗଣେଶ ପୂଜା ହେଲେ ଏଠାରେ ଗଣେଶ ମିଥ୍ୟାଶ୍ରୟୀଙ୍କର ସାକ୍ଷୀ ହୋଇ ତାଭ୍‌କର ପାଶ ଅଙ୍କୁଶ ମୂଷିକ ତାଙ୍କ ପାଇଁ ସମୟକୁ ଲଗାଉଛନ୍ତି। ପ୍ରତି ବନ ବଡ଼ ଡାକ୍ତରଖାନାରେ ଗଣେଶଙ୍କ ପଥର ମୂର୍ତ୍ତି ଲଗା ଗଲାଣି ଏ ଗଣେଶ ପଥରକୁ ଡାକ୍ତର ଓ କର୍ମଚାରୀଙ୍କ କାର୍ଯ୍ୟାବଳୀର ଦିଗ ଗୁଡ଼ିକ ଦେଖି ଦେଖି ଆହୁରି ପଥର। ରୋଗୀ ଠାରୁ ଅର୍ଥ ଆଦାୟ ପାଇଁ ନାନାଦି ମିଥ୍ୟା ଆଶ୍ରୟ ଆଳକୁ ଗଣେଶ କେବେ ସହ୍ୟ କରିବେନାହିଁ। ପୃଥି, ଦେଶ, ରାଜ୍ୟ, ଜିଲ୍ଲା, ତହସିଲ, ବ୍ଲକ, ଥାନା, ପଞ୍ଚାୟତ ଓ ଅନେକ ଅନୁଷ୍ଠାନର ମୁଖ୍ୟ ଜଣେ ଜଣେ ଗଣପତି ଏମାନେ ଗଣେଶଙ୍କର ସନ୍ନିଧାନରେ ଯଦି ନଚାଲନ୍ତି ତେବେ କଥା ସରିବ। ଅର୍ଥଲୋଭ ସ୍ୱାର୍ଥସିଦ୍ଧି କେବେ ଗଣେଶଙ୍କର ନାହିଁ ଏହା ବୁଝି ପଦବୀ ରକ୍ଷା ଓ ପ୍ରଶାସନ ଚଳାନ୍ତୁ ଅନ୍ୟତା ପାଶ ଓ ଅଙ୍କୁଶ କାହୁଥିବ ଭିଡ଼ି ଆସିବ। ପଥର ଧାତୁ ମୃତ୍ତିକା ଫଟୋ ଗଣେଶଙ୍କୁ ପୂଜା କଲାବେଳେ ତାଙ୍କର ଶକ୍ତି ମାଗନ୍ତୁ ମାତ୍ର ମାୟାରେ ରହନ୍ତୁନାହିଁ। ସବୁଶେଷ ଏଇ ଗଣେଶ ହିଁ କରିପାରନ୍ତି। ହାତ ଉପରେ ତାଙ୍କର ପାଶ ଅଙ୍କୁଶ କେଉଁଠୁ ଆସିଲାଗିଯିବ।

+ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ
ମୋ: ୯୪୩୭୦୩୧୨୫୩

ଷାଠିଏ ବର୍ଷର ଅବିବାହିତାଙ୍କୁ ମିଳିଲା ନାହିଁ ସାମାଜିକ ସୁରକ୍ଷା

ଉଦଳା , ୧୭/୧୦ (ନି.ପ୍ର): ଉଦଳା ବ୍ଲକର ଦୁଗୁଧା ପଂଚାୟତ ଅନ୍ତର୍ଗତ ଅଙ୍ଗାରପଡ଼ା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ହିରା ମାର୍ଣ୍ଡିଙ୍କୁ ବର୍ତମାନ ବୟସ ୬୦ ଛୁଇଁଲା । ପିଲାଟି ଦିନରୁ ହିରା ମା'ଙ୍କୁ ହରାଇଥିବା ବେଳେ ବିଗତ ୧୨ ବର୍ଷ ତଳେ ପିତା ସୁନାରାମ ମାର୍ଣ୍ଡି ମଧ୍ୟ ସବୁଦିନ ପାଇଁ ବିଦାୟ ନେଇଗଲେ । ପରେ ପରେ ଭାଇ ଭଉଣୀ ମାନେ ଯିଏ ଯାହାର ସଂସାର ନେଇ ଅଲଗା ହୋଇଗଲେ । ଫଳରେ ହିରା ବର୍ତମାନ ଏକାକି ଦିନ ବିତାଇବାକୁ ବାଧ୍ୟ ହେଉଛନ୍ତି । ସରକାର ଅବିବାହିତଙ୍କ ପାଇଁ ଯୋଗାଇ ଦେଉଥିବା ସାମାଜିକ ସୁରକ୍ଷା ଯୋଜନାରେ ଭତା ଏ ପର୍ଯ୍ୟନ୍ତ ହିରା ପାଇ ପାରି ନାହାଁନ୍ତି । ସେହିପରି ଆବାସ ଯୋଜନାରେ ଘର ମଧ୍ୟ ସେ ପାଇ ପାରିନଥିବାର କଥା ଜଣାଇଛନ୍ତି । ଖାଦ୍ୟ ସୁରକ୍ଷା ଯୋଜନାରେ ସେ ମାସିକ ୫ କିଗ୍ରା ଚାଉଳ ପାଇ ଦିନ କାଟୁଛନ୍ତି । ହିରାଙ୍କୁ ତୁରନ୍ତ ସାମାଜିକ ସୁରକ୍ଷା ଯୋଜନାରେ ଭତା ଟଙ୍କା ପ୍ରଦାନ କରିବାକୁ ଦାବି ହେଉଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

ବିଜୟ ଶଙ୍କରଙ୍କ...

ଜଣେ ଯୁବକଙ୍କୁ ବିବାହ କରିଥିଲେ। ତାଙ୍କ ସ୍ୱାମୀ ରାଜ୍ୟ ବାହାରେ ଚାକିରି କରୁଥିବା ବେଳେ ତାଙ୍କର ୫ରୁ ୬ ବର୍ଷର ଗୋଟିଏ ପୁଅ ରହିଛି। ଉଭୟଙ୍କ ପାରିବାରିକ ବିବାଦରେ ଝଡ଼ ସୃଷ୍ଟି ହୋଇଥିଲା। ଯେଉଁଥିପାଇଁ ଉଭୟ ଅଲଗା ଅଲଗା ରହୁଛନ୍ତି। ଏହା ପରେ ସେ ଭୁବନେଶ୍ୱରର ପଟିଆ ଅଞ୍ଚଳରେ ବିଜୟ ଶଙ୍କର ଙ୍କ ସହ ଦୀର୍ଘଦିନ ଧରି ଲିଭ-ଇନରେ ରହୁଛନ୍ତି। ପ୍ରତ୍ୟୁଷାଙ୍କ ସହ ସମ୍ପର୍କ ଗଢ଼ି ଉଠିବା ପରେ ବିଧାୟକ ଶ୍ରୀ ଦାସ ତାଙ୍କର ଦୀର୍ଘଦିନର ପ୍ରେମିକା ସୋମାଲିକାଙ୍କଠୁ ଦୂରେଇ ଯାଇଥିଲେ। ୨୦୨୧ ମସିହାରେ ବିଧାୟକ ବିଜୟଶଙ୍କର ଓ ସୋମାଲିକାଙ୍କ ସମ୍ପର୍କ ମଧ୍ୟରେ ପ୍ରତ୍ୟୁଷାଙ୍କ ଏଣ୍ଟ୍ରି ପରଠୁ ବିବାଦ ଦେଖାଦେଇଥିଲା। ପ୍ରତ୍ୟୁଷା କୋଭିଡ୍ ସମୟରେ ନିଜ ଘରକୁ ଆସିଥିବା ବେଳେ ବିଜୟଶଙ୍କର ସହ ତାଙ୍କର ଘନିଷ୍ଠତା ଗଢ଼ି ଉଠିଥିଲା।

ଦୁଷ୍କର୍ମ ଅଭିଯୋଗରେ...

ଆଉ ସେହି ରାତିରେ ସେ ରୁନିଙ୍କୁ ଦୁଷ୍କର୍ମ କରିଥିଲେ। କାହାକୁ ଏ କଥା କହିଲେ ମାରି ଦେବାକୁ ସେ ଧମକ ଦେଇଥିଲେ। ଦୁଇ ଦିନ ପରେ ଅର୍ଥାତ୍ ଗତକାଲି ରୁନି ଦୁଷ୍କର୍ମ ସମ୍ପର୍କରେ ତାଙ୍କ ଘରେ କହିଥିଲେ। ଏହା ପରେ ତାଙ୍କ ମାମୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଆଜି ପୁଲିସ୍ ହୋମଗାର୍ଡ ଦେବାନନ୍ଦ ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଜାମଦା ଥାନାର ଏଏସ୍‌ଆଇ ଆନନ୍ଦ ମାଝୀ ମଧ୍ୟ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ନାବାଳିକା ଜଣଙ୍କ ଜାମଦା ଥାନା ଅଞ୍ଚଳର। ସୂଚନା ଅନୁଯାୟୀ, ନାବାଳିକା ଜଣଙ୍କ ଏଏସ୍‌ଆଇ ଆନନ୍ଦ ମାଝୀଙ୍କ ସରକାରୀ ବାସଭବନରେ ସହାୟିକା ଭାବେ କାର୍ଯ୍ୟ କରୁଥିଲେ। ସେ ୪ ବର୍ଷ ହେଲା ତାଙ୍କ ଘରେ କାମ କରୁଥିଲେ। ତେବେ ନିକଟରେ ତାଙ୍କୁ ଏକୁଟିଆ ପାଇ ଦୁଷ୍କର୍ମ କରିଥିଲେ ଏଏସ୍‌ଆଇ ଆନନ୍ଦ ମାଝୀ। ସେ ଏନେଇ ତାଙ୍କ ପିଉସୀଙ୍କୁ କହିଥିଲେ। ତାଙ୍କ ପିଉସୀଙ୍କ ଏତଲା କ୍ରମେ ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ନିର୍ବାଚନ କମିଶନଙ୍କ...

ଯାହାଫଳରେ ସେମାନେ ଅକ୍ଟୋବର ୨୭ତାରିଖରୁ ଆରମ୍ଭ ହେଉଥିବା ଫଟୋ ଇଲେକ୍ଟ୍ରୋରାଲ ରୋଲ୍ ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟରେ ନିୟୋଜିତ ହୋଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ, ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ଅଫିସରମାନଙ୍କ ବଦଳି ପାଇଁ ନିର୍ବାଚନ କମିଶନ ଗାଇଡଲାଇନ୍ ଜାରି କରିଛନ୍ତି ।

୨୦୨୫ ସୁଦ୍ଧା ମହାକାଶ....

ମୋଦି ମହାକାଶ ବିଜ୍ଞାନୀଙ୍କ ପାଇଁ ବିଭିନ୍ନ ଟାର୍ଗେଟ ସେଟ୍ କରିଛନ୍ତି। ସେ ସ୍ପେଶ ବିଭାଗକୁ ୨୦୩୫ ସୁଦ୍ଧା ଭାରତର ସ୍ପେଶ ଷ୍ଟେସନ ପ୍ରତିଷ୍ଠା କରିବାକୁ କହିଛନ୍ତି। ଏଥିସହ ଚନ୍ଦ୍ରକୁ ୨୦୪୦ ସୁଦ୍ଧା ଭାରତୀୟ ମହାକାଶଚାରୀଙ୍କୁ ପଠାଇବାକୁ ମଧ୍ୟ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଟାର୍ଗେଟକୁ ପୂରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ସ୍ପେଶ ବିଭାଗକୁ ବିସ୍ତୃତ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ କହିଛନ୍ତି। ଏହି ରୋଡମ୍ୟାପ୍‌ରେ ଚନ୍ଦ୍ରଯାନ ମିଶନର ବିଭିନ୍ନ ସିରିଜ ମଧ୍ୟ ରହିଛି। ପରବର୍ତ୍ତୀ ପିଢ଼ି ଲଞ୍ଚ ଭେଇକିଲ ବା ଏନଜିଏଲଭିକୁ ତିଆରି କରିବା, ଲଞ୍ଚ ପ୍ୟାଡ ଗଠନ କରିବା, ମଣିଷକୁ ସୁହାଉଥିବା ଲ୍ୟାବ ଓ ଏହା ସହ ଜଡ଼ିତ ବିଭିନ୍ନ ଟେକ୍ନୋଲୋଜିକୁ ବିକଶିତ କରିବାକୁ ମଧ୍ୟ କୁହାଯାଇଛି।

ଭୁବନେଶ୍ୱର କୋର୍ଟ କ୍ୟାମ୍ପସରୁ ଚମ୍ପଟ....

ସେହି ସମୟ ସେ ପରିସ୍ରା କରିବ ବୋଲି କହିଥିଲା। ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ୍ କର୍ମଚାରୀମାନେ ତାଙ୍କୁ ଟଏଲେଟ ଯିବା ପାଇଁ ଅନୁମତି ଦେଇଥିଲେ। ସେହି ସମୟରେ ସେ ସେଠାରୁ ଚମ୍ପଟ ମାରିଥିଲା। କୋର୍ଟ କ୍ୟାମ୍ପରୁ ଚମ୍ପଟ ମାରିଥିବା କଏଦୀକୁ ଧରିବା ପାଇଁ କମିଶନରେଟ୍ ପୁଲିସ୍ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଅଭିଯୁକ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରୀ ରଖିଛି। ହେଲେ ବର୍ତ୍ତମାନ ସୁଦ୍ଧା ଚମ୍ପଟ ମାରିଥିବା କଏଦୀକୁ ପୁଲିସ୍ ଉଦ୍ଧାର କରିବାରେ ସଫଳ ହୋଇନାହିଁ।

କିଶୋର ଜେନାଙ୍କୁ ଦେଢ଼...

ଅନୁଷ୍ଠିତ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପରେ ପଞ୍ଚମ ସ୍ଥାନ ଅଧିକାର କରି ସମସ୍ତଙ୍କ ଦୃଷ୍ଟିକୁ ଆସିଥିଲେ କିଶୋର କୁମାର ଜେନା।ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। କିଶୋର କ୍ରମାଗତ ଭାବରେ ସାରା ଋତୁରେ ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନକୁ ଅତିକ୍ରମ କରିଛନ୍ତି ଏବଂ ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ଏହି ଧାରାକୁ ବଜାୟ ରଖିବା ନିମନ୍ତେ ଆଶା ରଖିଛନ୍ତି।

ବିଏସଏନଏଲ ମୁଖ୍ୟ ମହାପ୍ରବନ୍ଧକଙ୍କ ପିତୃ ବିୟୋଗ



ଭୁବନେଶ୍ୱର, ୧୭/୧୦ (ନି.ପ୍ର): ଭାରତ ସଞ୍ଚାର ନିଗମ ଲିଃ (ବିଏସଏନଏଲ) ଓଡ଼ିଶା ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ରୁଦ୍ରନାରାୟଣ ପଲାଇଙ୍କ ପିତା ଧନଞ୍ଜୟ ପଲାଇଙ୍କର ଗତ ୧୪ ତାରିଖରେ ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୯୭ ବର୍ଷ ହୋଇଥିଲା। ସ୍ୱର୍ଗତ ଧନଞ୍ଜୟ ପଲାଇ ଇ.ଆଇ.ସି କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରି ଅବସର ନେଇଥିଲେ । ସେ ଜଣେ ପରୋପକାରୀ ଓ ଧର୍ମ ପରାୟଣ ବ୍ୟକ୍ତି ଥିଲେ । ତାଙ୍କ ପୈତୃକ ଘର ଭଦ୍ରକ ଜିଲ୍ଲା ଚାନ୍ଦବାଲି ଟାଉନରେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଅନ୍ୟ ତିନି ପୁଅ ଏନ୍.ଏଚ୍.ପି.ସି.ର ବରିଷ୍ଠ ପ୍ରବନ୍ଧକ ଶ୍ରୀ ସୂର୍ଯ୍ୟନାରାୟଣ ପଲାଇ, ବମ୍ବେ ସ୍ଥିତ ଆୟନ ଏକ୍ସଚେଞ୍ଜର ଉପସଭାପତି ସତ୍ୟନାରାୟଣ ପଲାଇ ଏବଂ ବଡ଼ପୁଅ ଇପିକଲର ପୂର୍ବତନ ସିଜିଏମ୍ ବିରଞ୍ଚି ନାରାୟଣ ପଲାଇଙ୍କ ସମେତ ୪ କନ୍ୟା ଓ ନିକଟ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ସ୍ୱର୍ଗତ ପଲାଇଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ବସ୍ତା, ୧୭/୧୦ (ନି.ପ୍ର): ଛାତ୍ର ଛାତ୍ରୀମାନଙ୍କ ଅନ୍ତର୍ନିହିତ ଗୁଣ ପରିପ୍ରକାଶ କରିବା ପାଂଇ ସରକାର ବିଦ୍ୟାଳୟ ମାନଙ୍କରେ ସୁରଭି କାର୍ଯ୍ୟକ୍ରମ କରିଛନ୍ତି, ଗତକାଲି ବସ୍ତା ବ୍ଲକ ଅନ୍ତର୍ଗତ ଅମର୍ଦ୍ଦା ରୋଡ ସ୍ଥିତ ସିଦ୍ଧେଶ୍ୱର ଉଚ୍ଚବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ଓ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି , ବସ୍ତା ଗୋଷ୍ଠୀ ଶିକ୍ଷାଅଧିକାରୀ ସୁଧାଂଶୁ ଶେଖର ଜେନାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବସ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟଜିତ ମହାନ୍ତି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ବସ୍ତା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦିଲ୍ଲୀପ ଦାସ ମହାପାତ୍ର ଯୋଗଦେଇ ଥିଲେ, ମୁଖ୍ୟ ବକ୍ତା ଭାବରେ ଅଧ୍ୟାପକ କେଦାର ନାଥ ମହାନ୍ତି , ସମ୍ମାନିତ ଅତିଥି ଭାବରେ ୧୪ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ବିଷ୍ଣୁପ୍ରିୟା ବୁଗୁଡି, ପିଞ୍ଚାବଣିଆ ଗୁରୁକୁଳ ଆଶ୍ରମ ର ଆଚାର୍ଯ୍ୟ ବିଜୟ ଜୀ , ସରପଞ୍ଚ ବନ୍ଦନା ସେଠୀ, ବସ୍ତା ବ୍ଲକ ସହ ଶିକ୍ଷାଅଧିକାରୀ ସୋମନାଥ ଦାସ , ବାସନ୍ତୀ ପୁଷ୍ଟି, ସ୍କୁଲ ପରିଚାଳନା କମିଟି ର ସଭାପତି ଦେବଜିତ ଘୋଷ, ସି ଆର ସି ସି ଉମେଶ ଚନ୍ଦ୍ର ବାଡି, ବିଦ୍ୟାଳୟ ର ସଭାପତି ରମେଶ କୁମାର ସେଠୀ ଯୋଗଦେଇ ଥିଲେ, ଏହି ଅବସର ରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଆୟୋଜନ କରି କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରା ଯାଇ ଥିଲା , ଶେଷରେ ସହକାରୀ ଶିକ୍ଷକ ପ୍ରସନ୍ନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଏଥର ମୌସୁମୀରେ ସ୍ୱାଭାବିକ ବର୍ଷା ରେକର୍ଡ

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ଚଳିତ ବର୍ଷ ମୌସୁମୀରେ ରାଜ୍ୟରେ ସ୍ୱାଭାବିକ ବର୍ଷା ଅନୁଭୂତ ହୋଇଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଚଳିତ ଥର ୧୦ ଦିନ ବିଳମ୍ବରେ ଅର୍ଥାତ୍ ୨୨ଜୁନରେ ମୌସୁମୀ ରାଜ୍ୟକୁ ଅଗ୍ରସର ହୋଇଥିଲା। ଗତ ୧୩ ଅକ୍ଟୋବରରେ ମୌସୁବୀ ରାଜ୍ୟରୁ ପ୍ରତ୍ୟାବର୍ତ୍ତନ କରିଛି । ୨୨ ଜୁନ ରୁ ୩୦ ସେପ୍ଟେମ୍ବର ସମୁଦାୟ ୧୦୧ ଦିନରୁ ୩୩ଦିନ ରାଜ୍ୟରେ ସ୍ୱାଭାବିକ ତୁଳନାରେ ଅଧିକ ବର୍ଷା ରେକର୍ଡ ହୋଇଛି। ଅର୍ଥାତ ୨୦% ଦିନ ସ୍ୱାଭାବିକ ଠାରୁ ଅଧିକ ବର୍ଷା ରେକର୍ଡ ହୋଇଥିବା ପାଣିପାଗ ବିଭାଗ ସୂଚନା ଦେଇଛି।

ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅର୍ନ୍ତଭୁକ୍ତିକରଣ ଶିବିର

ଭଦ୍ରକ , ୧୭/୧୦ (ନି.ପ୍ର): ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ଆନୁକୂଲ୍ୟରେ 'ଆର୍ଥିକ ସ୍ୱାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇ ଯାଇଅଛି। ଚରମ୍ପା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ କଲେଜର ଅଧକ୍ଷ ଶ୍ରୀଯୁକ୍ତ ପିତାମ୍ବର ନାୟକ ସଭାପତିତ୍ୱ କରିବା ସଂଗେ ସଂଗେ ଉକ୍ତ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ ବର୍ତ୍ତମାନ ପ୍ରରିପେକ୍ଷୀରେ ସରକାରଙ୍କର ବିଭିନ୍ନ ଆର୍ଥିକ ଯୋଜନା ଓ ତାର ସୁଫଳ ଉପରେ ଆଲୋକପାତ କରିଥିଲେ। ଭଦ୍ରକ ଡାକ ବିଭାଗର ଅଧିକ୍ଷକ ବିଜୟ କୁମାର ମହାନ୍ତି ତାଙ୍କର ବକ୍ତବ୍ୟରେ ଲୋକମାନେ ତାଙ୍କର କଷ୍ଟଲବ୍ଧ ଧନକୁ କିପରି ଡାକଘରେ କିମ୍ବା ସ୍ୱୀକୃତିପ୍ରାପ୍ତ ବ୍ୟାଙ୍କ ଗୁଡ଼ିକରେ ଜମାରଖି ସୁରକ୍ଷିତ ରହିବାକୁ ପରାମର୍ଶ ଦେଇଥିଲେ। ତାନହେଲେ ଚିଟ୍‌ଫଣ୍ଡ କମ୍ପାନି ମାନଙ୍କ ପ୍ରଲୋଭନରେ ପଡ଼ି ଅଧିକସୁଧ ଆଶାରେ ମୂଳ ଟଙ୍କା ହରାଇବାକୁ ପଡ଼ିବ ବୋଲି ସତର୍କ କରାଇ ଦେଇଥିଲେ। ଭାରତୀୟ ଡାକବ୍ୟାଙ୍କର ବରିଷ୍ଠ ପରିଚାଳକ ମନୋଜ କୁମାର ଦାସ ଜିଲ୍ଲାରେ ପ୍ରତି ପଞ୍ଚାୟତରେ କିପରି ବ୍ୟାଙ୍କ ସେବା ସହାୟତା କେନ୍ଦ୍ର ଖୋଲିପାରିବ ଓ ଜନସାଧାରଣ କିପରି ସାଇବର ଠକାମିରୁ ନିଜକୁ ନିବୃତ୍ତ କରିପାରିବେ ସେ ବିଷୟରେ ସୂଚନା ଦେଇଥିଲେ। ଆଜିର ସଞ୍ଚୟ ଆସନ୍ତା କାଲିର ଭବିଷ୍ୟତ ଏହି ଉକ୍ତିକୁ ଉପସ୍ଥିତ ଥିବା ସମସ୍ତ ସଭ୍ୟମାନଙ୍କୁ ଅବଗତ କରାଯାଇଥିଲା। ଉକ୍ତ ସଭାରେ ମହାବିଦ୍ୟାଳୟର ପ୍ରାୟ ୩୦୦ ରୁ ଅଧିକ ଛାତ୍ର, ଛାତ୍ରୀ ଓ ଶିକ୍ଷକ ଭାଗ ନେଇଥିଲେ। ଉକ୍ତ ଶିବିରକୁ ଚରମ୍ପା ମହାବିଦ୍ୟାଳୟର ଅଧ୍ୟାପକ ପ୍ରବୀର କୁମାର ମହାପାତ୍ର ପରିଚାଳନା କରିଥିବା ବେଳେ ପ୍ରାଧ୍ୟାପକ ହେମନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିବା ପରେ ସଭାସାଙ୍ଗ ହୋଇଥିଲା। ଶେଷରେ ଅର୍ଥବିଭାଗ ତରଫରୁ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଶ୍ରୀ ପଦ୍ମନ୍ନ କୁମାର ରାୟ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ପ୍ରଚାରପତ୍ରମାନ ଶିବିରରେ ଉପସ୍ଥିତ ସଦସ୍ୟମାନଙ୍କୁ ବିତରଣ କରିବାର ବ୍ୟବସ୍ଥା କରିଥିଲେ।

ପାଇଖାନା, ରୋଷେଇ ଗୃହ, ବିଦ୍ୟୁତ ଲାଇନ ସବୁକିଛିରୁ ବଂଚିତ ଅଙ୍ଗାରପଡ଼ା ଅଙ୍ଗନୱାଡ଼ି

ଉଦଳା , ୧୭/୧୦ (ନି.ପ୍ର): ଉଦଳା ବ୍ଲକର ଅଙ୍ଗାରପଡ଼ା ଗ୍ରାମରେ ଥିବା ଅଙ୍ଗନୱାଡ଼ିକେନ୍ଦ୍ରର ଦୃଶ୍ୟ । ଏଠାରେ ପାଇଖାନା ନାହିଁକି ରୋଷେଇଗୃହ ନାହିଁ । ଫଳରେ ଏଠାକୁ ଆସୁଥିବା ପିଲାମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା ଗ୍ରାମବାସୀ ମାନେ ଜଣାଇଛନ୍ତି । ସେହିପରି ଅଙ୍ଗନୱାଡ଼ି କେନ୍ଦ୍ରକୁ ଲାଗି କରିଥିବା ପ୍ରାଥମିକ ବିଦ୍ୟାଳୟ ପରିସରସ୍ଥିତ ନଳକୂପ ଉପରେ ଏଠା

ବୁଧବାର, ଅକ୍ଟୋବର ୧୮, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ସିପିଆଇ (ଏମ) ଆଞ୍ଚଳିକ କମିଟିର ଗଣ ବିକ୍ଷୋଭ

ନୀଳଗିରି, ୧୭/୧୦ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ଏମ) ନୀଳଗିରି ଆଞ୍ଚଳିକ କମିଟି ଅବାହନରେ ମଙ୍ଗଳବାର ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରୁ ବିରାଟ ପଟୁଆରରେ ସହର ପରିକ୍ରମା କରି ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଉପଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ୭ଦଫା ଦାବୀ ସମ୍ବଳିତ ଏକ ସ୍ମାରକପତ୍ର ନୀଳଗିରି ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। କେନ୍ଦ୍ରସରକାର ଜଙ୍ଗଲ ସୁରକ୍ଷା ସଂଶୋଧନ ଆଇନ ଆଣି କର୍ପୋରେଟ ସଂସ୍ଥାଙ୍କୁ ଜମି ହସ୍ତାନ୍ତରଣ କରିବା ଦ୍ୱାରା ଜଙ୍ଗଲ ଜମିରେ ବସବାସ କରୁଥିବା ଜନଜାତି ଲୋକ ବାସଚ୍ୟୁତ ହେବେ। ତେଣୁ ଉକ୍ତ ଆଇନକୁ ବାତିଲ କରିବା , ବାର୍ଦ୍ଧକ୍ୟ, ବିଧବା ଏବଂ ଅସହାୟ ଭତ୍ତା ମାସିକ ୩୦୦୦ଟଙ୍କା ପ୍ରଦାନ, ଜଙ୍ଗଲ ଜମି ପଟ୍ଟା ତୁରନ୍ତ ପ୍ରଦାନ, ଆକାଶଛୁଆଁ ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ, ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ ନିଯୁକ୍ତିରେ ୨୦୦ଦିନର କାମ ପ୍ରଦାନ ଏବଂ ଦୈନିକ ୬୦୦ଟଙ୍କା ମଜୁରୀ ବୃଦ୍ଧି, ଧାନର ସରକାରୀ ସହାୟକ ମୂଲ୍ୟ କ୍ୟୁଣ୍ଟାଲ ୩ହଜାର କରିବା ସହିତ ଚକଡ଼ା ପୋକରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତି ପୂରଣ ନେଇ ଗଣଧାରଣା ଦିଆଯାଇଥିଲା। ଉକ୍ତ ଧାରଣାରେ ଜିଲ୍ଲା ସମ୍ପାଦକ ମଣ୍ଡଳୀସଭ୍ୟ ବିଜୟ ପାତ୍ର ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ସମ୍ପାଦକ ଶିଶିର ହୁଇ, ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି, ନିର୍ମଳ ନାୟକ, ସିପିଆଇ ଏମ ନୀଳଗିରି ଆଞ୍ଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ , ଯୋଗାନନ୍ଦ ଦାସ, ଆଦିବାସୀ ନେତା ମଦନ ମହାଲି, ଷ୍ଟାଲିନ ମିଶ୍ର, ସତ୍ୟଜିତ ଦାସ, ଉଗ୍ରସେନ ଦାସ ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ରହି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ମାରଣ ନୀତି ବିରୋଧରେ ସଚେତନ କରିବା ସହ ଉପରୋକ୍ତ ଦାବୀ ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ଚୌବେଙ୍କ ନୀଳଗିରି ଗସ୍ତକୁ ନେଇ ବିଜେପି ଶିବିର ଚଳଚଞ୍ଚଳ

ନୀଳଗିରି, ୧୭/୧୦ (ନି.ପ୍ର): ଆସନ୍ତା ୨୦ ତାରିଖ ରବିବାର ଦିବା ୨ ଘଟିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ବୀର ସହିଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ମାନ ଓ ମାଟିକୁ ବନ୍ଦନ କରିବା ଉଦେଶ୍ୟରେ ସାରା ଦେଶରେ ଚାଲିଥିବା 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମ ନୀଳଗିରି ବ୍ଲକ ପରିସରରେ ଅନୁଷ୍ଠିତ ହେବ। ସେଥିପାଇଁ ଆଜି ନୀଳଗିରି ବିଜେପି କାର୍ଯ୍ୟାଳୟରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ପାଇଁ ମାନ୍ୟବର କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ଚୌବେ ଏଫ. ଏମ ୟୁନିଭରସିଟି ଓ ନୀଳଗିରି ବ୍ଲକରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେବେ। ସେଥିପାଇଁ ମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ ବିଜେପି ଶିବିର ପୁରା ଚଳଚଞ୍ଚଳ ହୋଇଉଠିଛି। ଆଜିର ପ୍ରସ୍ତୁତି ବୈଠକରେ ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, କରୁଣାକର ପଣ୍ଡା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ମନୋରଞ୍ଜନ ବେହେରା, ଉପେନ୍ଦ୍ର ଦାସ, ତାପସ ମହାନ୍ତି, ସମର ଶଙ୍କର କାନୁନଗୋ, ଦେବାଶିଷ ଆଚାର୍ଯ୍ୟ,ଲକ୍ଷ୍ମୀଧର ବେହେରା, ଅଶୋକ ନାୟକ,କୁଳମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଶିକ୍ଷା ବ୍ୟବସ୍ଥାର ବିପର୍ଯ୍ୟୟ ପାଇଁ ଦାୟୀ କିଏ: ଚିନ୍ତା ପ୍ରକଟ କଲେ ଅଭିଭାବକ

ଲଙ୍ଗଳେଶ୍ୱର , ୧୭/୧୦ (ନି.ପ୍ର): ଶିକ୍ଷାବିଭାଗର ଅବ୍ୟବସ୍ଥା ପାଇଁ ଶିକ୍ଷାବିତ ଓ ଅଭିଭାବକ ହତଚକିତ। ପିଲାଙ୍କ ଭବିଷ୍ୟତ କୁ ନେଇ କିଏ ଖେଳ ଖେଳୁଛନ୍ତି। ସରକାର ନା ଶିକ୍ଷା ବିଭାଗ। ସ୍କୁଲରେ ପରୀକ୍ଷା ପ୍ରଗ୍ରାମ ପହଞ୍ଚିଲା ବେଳକୁ ଅନେକ ୟୁଟୁବ ଚେନାଲ୍ ଗୁଡିକରେ ପ୍ରଶ୍ନ ସହ ଉତ୍ତର ଘୁରିବୁଲୁଛି । ଫଳରେ ଭଲ ପାଠ ପଢୁଥିବା ପିଲାଙ୍କ ସହିତ ଭଲପଢୁନଥିବା ପିଲାଙ୍କ ନମ୍ବର ସମାନ ହୋଇ ଯାଉଛି । ଯାହା ଫଳରେ ଶ୍ରେଣୀ ରେ ଉପର ଧାଡ଼ିର ପିଲାଏ ମାନସିକ ଚାପରେ ରହୁଛନ୍ତି ଓ ତାଙ୍କର ଶିକ୍ଷା ପ୍ରତି ବିତୃଷ୍ଣା ଜନ୍ମୁଛି । ବାରମ୍ବାର ଏବିଷୟରେ ସମ୍ବାଦ ପତ୍ରିକା ଗୁଡିକରେ ଖବର ପାଇଥିଲେ ମଧ୍ୟ ସରକାର କିମ୍ବା ଶିକ୍ଷାବିଭାଗର ନିଦ ଭାଙ୍ଗୁ ନାହିଁ। ଏପରି ଖାମଖିଆଲ ବୁଦ୍ଧି ଯୋଗୁଁ ଓଡ଼ିଶାର ଶିକ୍ଷା ମାନ୍ୟତା ୨ ବର୍ଷ ଭିତରେ ୧୪ ରୁ ୨୪ ରେ ପହଞ୍ଚିଲାଣି ତଥାପି ସମସ୍ତେ ନୀରବ । ସର୍ବଶିକ୍ଷା ଅଭିଯାନରେ କୋଟି କୋଟି ଟଙ୍କା ବ୍ୟୟ ହେଉଛି କେବଳ ପିଲାଙ୍କୁ ପାଠ ପଢି ଜଣେ ଶିକ୍ଷିତ କରିବା ପାଇଁ ହେଲେ ଏପରି ହେଲେ ପିଲାଏଁ ମୂର୍ଖ ହେବାହିଁ ସାର ହେବ । ଯଦି ଏପରି ୟୁଟ୍ୟୁବରେ ପ୍ରଶ୍ନ ,ଉତ୍ତର କରାଯାଉଛି ତେବେ ତାଙ୍କୁ ପାଠପଢ଼ାର ଦାଇତ୍ୱ ଦେଇ ସରକାର ସବୁ ସ୍କୁଲ ଉଠାଇ ଦିଅନ୍ତୁ । ଯେଉଁ ଅର୍ଥ ଶିକ୍ଷକ ଓ ବିଦ୍ୟାଳୟ ନିର୍ମାଣ ରେ ଖର୍ଚ୍ଚ ହେଉଛି ତାର ୧୦ ଭାଗରୁ ୧ ଭାଗ ଅର୍ଥ ଖର୍ଚ୍ଚ କଲେ ଚଳି ଯିବ। କାରଣ କିଛି ଅର୍ଥ ରେ ପିଲାଙ୍କୁ ମୋବାଇଲ ଦେଇ ଦିଅନ୍ତୁ ଆଉ କିଛି ଅର୍ଥରେ ୟୁଟୁବ ଚେନାଲ ଗୁଡ଼ିକୁ ଦେଇ ଦିଅନ୍ତୁ । ପିଲାଙ୍କ ପାଇଁ କିଛି ଆର୍ଥିକ ଅନୁଦାନ ଅଭିଭାବକ ଙ୍କୁ ଦେଇ ସରକାର ଓ ଶିକ୍ଷାବିଭାଗ ନିଶ୍ଚିନ୍ତ ରେ ରୁହନ୍ତୁ ନଚେତ୍ ଏ ପରୀକ୍ଷା ବନ୍ଦ କରି ଦିଅନ୍ତୁ । ଏଥିପାଇଁ ଯିଏ ଦାୟୀ ହୁଅନ୍ତୁ ନା କାହିଁକି ପିଲାଙ୍କ ଭବିଷ୍ୟତ ଯେ ନଷ୍ଟ ।ହେଉଛି ତାହା ସୁନିଶ୍ଚିତ । ଏ ଥି ପାଇଁ ଜନ ଅସନ୍ତୋଷ ତୀବ୍ର ଭାବରେ ପ୍ରକାଶ ପାଇଲାଣି । ତେଣୁ ସରକାର ହୁଅନ୍ତୁ କି ଶିକ୍ଷା ବିଭାଗ ୟୁଟ୍ୟୁବରେ ପ୍ରଶ୍ନ ପତ୍ର ଲିକ୍ କୁ ରୁକି ତାର ତଦାରଖ କରି ପିଲାଙ୍କ ଭବିଷ୍ୟତ ପାଇଁ କିଛି ବ୍ୟବସ୍ଥା କରିବା କୁ ଅଭିଭାବକ ଙ୍କ ଅନୁରୋଧ । ନହେଲେ ପରବର୍ତ୍ତୀ ସମୟରେ ଅସନ୍ତୋଷ ତୀବ୍ର ରୂପ ନେଇ ପାରେ ।

ରାଉତପଡ଼ାରେ 'ଘର ଘର ହାତ ଘର ଘର କଂଗ୍ରେସ' କାର୍ଯ୍ୟକ୍ରମ

ବସ୍ତା, ୧୭/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନ ମଣ୍ଡଳିର ରାଉତପଡ଼ା ରେ ପିସିସି ସଭାପତି ଶରତ ପଟ୍ଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ବସ୍ତା ବାଲିଆପାଳ ର କଂଗ୍ରେସ ନେତା ବିଜନ ନାୟକ ଙ୍କ ନେତୃତ୍ୱ ରେ ଓ ରାଉତପଡା ପଞ୍ଚାୟତ ସଭାପତି ପ୍ରଦୀପ କୁମାର ଦେ ଙ୍କ ଅଧକ୍ଷତା ରେ ଘର ଘର ହାତ ଘର ଘର କଂଗ୍ରେସ କାର୍ଯ୍ୟକ୍ରମ ମାଧ୍ୟମରେ ଘର କୁ ଘର ବୁଲି ରାଜ୍ୟ ଏବଂ ଦେଶରେ ଶାସନ କରୁଥିବା ବିଜେଡି ଏବଂ ବିଜେପି ସରକାରଙ୍କ ଜନ ମାରଣ ନିତି ବିରୋଧରେ ଲୋକଙ୍କୁ ଅବଗତ କରାଇବା ସହିତ ଆସନ୍ତା ନିର୍ବାଚନରେ ଉଭୟ ରାଜ୍ୟ ଓ କେନ୍ଦ୍ରରେ କଂଗ୍ରେସକୁ କ୍ଷମତାକୁ ଫେରାଇ ଆଣିବା ପାଇଁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି, ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ କର୍ମୀ ଅସୀମ ଦାସ, ମଧୁମିତା ରାଉତ,ଶ୍ରୀନିବାସ ରାଉତ, ଲୀଳାମ୍ବର ନାୟକ, ମୃତୁଞ୍ଜୟ ପରିଡା, ମୃତୁଞ୍ଜୟ ଯେନା, ଜଳଧର ଯେନା ଝଡିବନ୍ଧୁ ପାଳ, ଅଜୟ ବେହେରା ସର୍ବେଶ୍ୱର ଭୋଇ, ହରେକୃଷ୍ଣ ଦାସ ଗୌତମ ସାମଲ ଅନନ୍ତ ମହାନ୍ତି, ଗୌରାଙ୍ଗ ଦଳେଇ, ମଙ୍ଗିଆ ଦଳେଇ,ସୁକାନ୍ତ ରାଉତ ଓ ନେତୃବୃନ୍ଦ ୧ ନମ୍ବର ୱାର୍ଡର ପ୍ରତେକ ଘର ଯାଇ ଲୋକଙ୍କ ସମସ୍ୟା ପଚାରି ବୁଝି ଥିଲେ ।

ବର୍ଷା-ଅନୁଭବ ପାରିବାରିକ ବିବାଦ: ହାଇକୋର୍ଟର ଦ୍ୱାରସ୍ଥ ହେଲେ ଅନୁଭବ

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ବର୍ଷା-ଅନୁଭବ ପାରିବାରିକ ବିବାଦ ମାମଲାରେ ଅନୁଭବ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏହା ପରେ ବର୍ଷାଙ୍କୁ ହାଇକୋର୍ଟଙ୍କ ନୋଟିସ।ଏହି ପାରିବାରିକ ବିବାଦ ମାଲାରେ ବର୍ଷା ପ୍ରିୟଦର୍ଶିନୀଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି । ଅନୁଭବ ଦାୟର କରିଥିବା ପିଟିସନକୁ ଗ୍ରହଣ କରିବା ସହ ଜବାବ ଦାଖଲ ପାଇଁ ବର୍ଷାଙ୍କୁ ନୋଟିସ ଜାରି କରିଛନ୍ତି ହାଇକୋର୍ଟ। ଫ୍ୟାମିଲ କୋର୍ଟକୁ ରେକର୍ଡ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ଆସନ୍ତା ୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି । କଟକ ପରିବାର ଅଦଲତଙ୍କ ରାୟକୁ ଚାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଅନୁଭବ। ଅନୁଭବଙ୍କ ଛାଡ଼ପତ୍ର ଆବେଦନକୁ କଟକ ପରିବାର ଅଦାଲତ ଖାରଜ କରିଥିଲେ ।

ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଭଦ୍ରକ, ୧୭/୧୦ (ନି.ପ୍ର): ପୁରୁଣାବଜାର ସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ସବୁଜ ସୁନ୍ଦର କରିବା ପାଇଁ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା-୪୭୧୩ ଅନୁଯାୟୀ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅଦ୍ୟ ପ୍ରାତଃ ୮ଟା ସମୟରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ର, କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ପ୍ରମୋଦ କୁମାର ନାୟକ, ବିଦ୍ୟାଳୟର ପ୍ରଧାନ ପଣ୍ଡିତ ଶ୍ରୀଯୁକ୍ତ ଅକ୍ଷୟ କୁମାର ପାଣିଗ୍ରାହୀ, ୨୬ ନମ୍ବର କାଉନ୍‌ସିଲର ଜୁଲୁଫୁକର ଅଲ୍ଲି, ସମାଜସେବୀକା ଶ୍ରୀମତୀ ରାଜଲକ୍ଷ୍ମୀ ମହାପାତ୍ର, ଅଧ୍ୟାପକ ଶୁକଦେବ ପଣ୍ଡା, ଗାୟତ୍ରୀ ମହାନ୍ତି, ମୁଲତା ମହାପାତ୍ର, ରଘୁନାଥ ନାୟକ, ଗୌରାଙ୍ଗ ଦାସ, ସୁବାସ ମିଶ୍ର, ଏକ୍ରାମ ଖାଁ ଓ +୩, +୨ର ଛାତ୍ରଛାତ୍ରୀମାନେ 'ବୃକ୍ଷ ହିଁ ଜୀବନ' ପ୍ରଭୁତି ସ୍ଲୋଗାନ ଦେଇ ପୁରୁଣାବଜାର ପରିକ୍ରମା କରି ମହାବିଦ୍ୟାଳୟ ପରିସରରେ ବିଭିନ୍ନ ବୃକ୍ଷ ରୋପଣ କରିଥିଲେ।

କ୍ରୀଡାବିତ ଭବାନୀଶଙ୍କର ଦେଙ୍କର ସ୍ମୃତି ସଭା

ବାରିପଦା , ୧୭/୧୦ (ନି.ପ୍ର): ବରିଷ୍ଠ କ୍ରୀଡାବିତ ତଥା ନିଶ ଫୁଟବଲ କୋଚ ସ୍ୱର୍ଗତ ଭବାନୀଶଙ୍କର ବିୟୋଗରେ ବାରିପଦା କଲେଜ ପଡିଆଠାରେ ଏକ ସ୍ମୃତିସଭା ଇଣ୍ଡିପେଣ୍ଡେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି. କ୍ରୀଡା ସଂଗଠକ କିଶୋର କୁମାର ବିଶ୍ୱାଳଙ୍କ ଆହ୍ୱାନ ଏବଂ କ୍ଲବର ସଭାପତି ସେଙ୍ଗଲ ସିଂ ସୋରେନଙ୍କର ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଦିବଙ୍ଗତ କ୍ରୀଡାବିତଙ୍କ ପାଇଁ ନୀରବ ପ୍ରାଥନା ପରେ ସମ୍ପାଦକ ହରିଶ କୁମାର ଷଡଙ୍ଗୀ, ପ୍ରଦୀପ କିଶୋର ମହାନ୍ତି, ରମେଶ ରାଉତ, ଯଦୁନାଥ ମାଝି, କୈଳାଶ ବେହେରା, ଅମୂଲ୍ୟ ମିଶ୍ର, ମଣିକ ରଣା, ଆଶୁତୋଷ ପଣ୍ଡା, ଜୟକୃଷ୍ଣ ପାତ୍ର, ସନ୍ତୋଷ ମିଶ୍ର, ବଇଲୋଚନ ପାତ୍ର, ନରସିଂହ ବାରିକ, ବଟହରି ମହାକୁଡ ପ୍ରମୁଖ ସ୍ମୃତି ଚାରଣ କରି ସ୍ୱର୍ଗତ ଦେ ଓଡିଶା ସରକାରଙ୍କର ବରିଷ୍ଠ ଫୁଟବଲ କୋଚ ଭାବରେ ବିଭିନ୍ନ ଜିଲ୍ଲା ରେ କାମକରି ବହୁ ପ୍ରତିଭାକୁ ଆବିଷ୍କାର କରିବାରେ ତାଙ୍କର ଅବଦାନ ଯଥେଷ୍ଠ ଥିଲାବୋଲି କହିଥିଲେ।

ବାଲେଶ୍ୱର ବସଷ୍ଟାଣ୍ଡରୁ ବିପୁଳ ପରିମାଣର ଗଞ୍ଜେଇ ଜବତ: ୩ଗିରଫ

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ବାଲେଶ୍ୱର ବସଷ୍ଟାଣ୍ଡରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି । ୩ଜଣ ଯୁବକ ଚୋରା ଗଞ୍ଜେଇ ନେଇ ଯାଉଥିବା ବେଳେ ବାଲେଶ୍ୱର ବସ ଷ୍ଟାଣ୍ଡରେ ଲୋକେ ସେମାନଙ୍କୁ ମାଡିବସିଥିଲେ । ଅଭିଯୁକ୍ତଙ୍କ ଠାରୁ ୪ଟି ବ୍ୟାଗରୁ ପ୍ରାୟ ୪୦କିଲୋଗ୍ରାମ ଓଜନର ଗଞ୍ଜେଇ ଜବତ ହୋଇଛି । ବାଲେଶ୍ୱର ସହଦ୍ୱେଖୁଂଟା ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ତିନିଜଣଙ୍କ ମଧ୍ୟରୁ ଜଣେ ଯୁବକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ତେବେ ସହଦେବଖୁଂଟା ପୋଲିସ ଚମ୍ପଟ ଯୁବକଙ୍କୁ ସୁରଜ ହୋଟେଲ ଛକରୁ ଧରିବାରେ ସଫଳ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

ବାଇକ୍ ଧକ୍କାରେ ପଥଚାରୀ ମହିଳାଙ୍କ ମୃତ୍ୟୁ

ବସ୍ତା,୧୭।୧୦(ନିପ୍ର): ବସ୍ତା ଥାନା ଦରଡ଼ା ଠାରେ ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ପ୍ରକାଶ ଯେ ତାରାପୁର ଗ୍ରାମର ଅଜୟ ମିର୍ଦ୍ଧା ଙ୍କ ସ୍ତ୍ରୀ ଲକ୍ଷ୍ମୀ (୪୦) ଆଜି ଅପରାହ୍ନ ସମୟରେ ଚାଲି ଚାଲି ଗ୍ରାମକୁ ଫେରୁଥିବା ବେଳେ ଓଡ଼ି୦୧ଏପି୩୫୮୭ ବାଇକ୍ ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଲକ୍ଷ୍ମୀ ଗୁରୁତର ଆହତ ହୋଇଥିଲେ।ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ସ୍ଥାନୀୟ ଲୋକ ବସ୍ତା ଡାକ୍ତରଖାନା କୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ବସ୍ତା ପୁଲିସ ଘଟଣାସ୍ଥଳ ରୁ ବାଇକ୍ ସହିତ ମୃତଦେହ ଜବତ କରିଥିଲେ।ଏ ନେଇ ୨୯୩/୨୩ ରେ ପୁଲିସ ଏକ ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି।

ସେବାର ହାତକୁ ଆହୁରି ଲମ୍ବା କରିବାକୁ ପଡ଼ିବ: ରସିକା ବାହାଦୁର

ଉଦଳା , ୧୭/୧୦ (ନି.ପ୍ର): କେବଳ ମହିଳା ମାନଙ୍କୁ ନେଇ ଗଢ଼ି ଉଠିଥିବା ସ୍ୱେଚ୍ଛାସେବି ସଂଗଠନ ଇନରହୁଇଲ , ଉଦଳା କେନ୍ଦ୍ରକୁ ଓଡ଼ିଶା, ଛତିଶଗଡ଼ ଓ ମଧ୍ୟ ପ୍ରଦେଶ ରାଜ୍ୟର ଦାୟିତ୍ୱରେ ଥିବା ଚେୟାରମେନ ରସିକା ବାହାଦୁର ଚଳିତ ଅକ୍ଟୋବର ୧୨ ତାରିଖ ଗୁରୁବାର ଦିନ ପରିଦର୍ଶନରେ ଆସିଥିଲେ । ପ୍ରଥମେ ପ୍ରଭାତରେ ଇନରହୁଇଲ ତରଫରୁ ଖୋଲାଯାଇଥିବା ଯୋଗ ପ୍ରଶିକ୍ଷଣ ଓ ଅଭ୍ୟାସ କେନ୍ଦ୍ର ପରିଦର୍ଶନ କରିଥିଲେ । ଏହାପରେ ବିଣାପାଣି ବସ୍ତ୍ର ସଂଗ୍ରହ ଓ ବିତରଣ କେନ୍ଦ୍ର, ଛତୁ ଚାଷ ଏବଂ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପ୍ରଭୃତିର ଫୋଟଚିତ୍ର ଦେଖି ଆନନ୍ଦିତ ହୋଇଥିଲେ । ପରେ ହୋଟେଲ ସିପ୍ରୋନରେ ଅନୁଷ୍ଠିତ ସାଧାରଣ ସଭାରେ ଉଦଳା କ୍ଲବର ସଭାପତି ଜୟନ୍ତି ପଟ୍ଟନାୟକ ଅଧକ୍ଷତା କରିଥିଲେ । ସଂପାଦିକା ମମତା ସାହୁ, ଇଂଲଣ୍ଡରେ ଜନ୍ମ ଗ୍ରହଣ କରିଥିବା ଏହି କ୍ଲବ ଆଜି କିପରି ପୃଥିବୀର ୧୦୦ ଗୋଟି ଦେଶରେ ତାର ଶାଖା ଖୋଲି ପାରିଛି ଓ ଇତି ମଧ୍ୟରେ ଦିର୍ଘ ୯୯ ବର୍ଷ ସମୟ ଅତିବାହିତ ହୋଇ ଯାଇଛି ସେ ସମ୍ପର୍କରେ ସୁଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ଚେୟାରମେନ ରସିକା ବାହାଦୁର ସେବାର କ୍ଷେତ୍ରକୁ ବଢ଼ାଇବାକୁ ହେଲେ ଆମର ହାତକୁ ଆହୁରି ଲମ୍ବା କରିବାକୁ ପଡ଼ିବ ବୋଲି ବ୍ୟକ୍ତ କରିଥିଲେ । ଏହି ଅବସରରେ ଯୋଗ ଗୁରୁ ଜୟଗୋପାଲ ରାୟଙ୍କୁ ମୁଖ୍ୟ ଅତିଥି ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୁର୍ବକ ସମ୍ବର୍ଦ୍ଧିତ କରିଥିଲେ । ରୋଟାରି କ୍ଲବ ଉଦଳାର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଇନରହୁଇଲ ଉଦଳା କ୍ଲବର ସମସ୍ତ ସଦସ୍ୟା କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

ସୁବର୍ଣ୍ଣରେଖା ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ପାଠଚକ୍ର

ଲଙ୍ଗଳେଶ୍ୱର, ୧୭/୧୦ (ନି.ପ୍ର): ସୁବର୍ଣ୍ଣରେଖା ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ତରଫରୁ ଆଜି 'ଜି-୨୦ ସମ୍ମିଟ୍-୨୦୨୩ ଏଣ୍ଡ୍ ଇମ୍ପାକଟ୍ ଅନ୍ ଇଣ୍ଡିଆନ୍ ଏଗ୍ରୋବେସଡ୍ ଇଣ୍ଡଷ୍ଟ୍ରିକ୍ ' ବିଷୟକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଅଛି । ମହାବିଦ୍ୟାଳୟର ଅଧକ୍ଷ ଗୌରାଙ୍ଗ ରାଉତ ଏହାକୁ ଉଦଘାଟନ ଏବଂ ପରିଚାଳନା କରିଥିଲେ । ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ସତ୍ୟନାରାୟଣ ସାହୁ ସଂଯୋଜକ ଭାବେ କାର୍ଯ୍ୟ ପରିଚାଳନାରେ ସହଯୋଗ କରି ପାଠଚକ୍ର ସମ୍ବନ୍ଧରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ପଦାର୍ଥ ବିଜ୍ଞାନର ବରିଷ୍ଠ ଅଧ୍ୟାପକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ

ରାଜନୀତି ବିଭାଗ